## ୬୦ ଗର୍ଭବତୀଙ୍କୁ କରୋନା ଟିକା

ଫୁଲନଖରା,(ଡି.ଏନ.ଏ.): ବାରଙ୍ଗ ବ୍ଲକ ଅଧୀନ କୋରକରା ସ୍ୱାସ୍ଥ୍ୟକେନ୍ଦ୍ରରେ ବୁଧବାର କରୋନା ଟିକାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ୬୦ରୁ ଊର୍ଦ୍ଧ୍ୱ ଗର୍ଭବତୀଙ୍କୁ କୋଭିଶିଲ୍ଡ ଟିକା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ବଦ୍ରିନାରାୟଣ ପାଢ଼ୀ, ଆୟୁଷ ଡାକ୍ତର ମଧୁଛନ୍ଦା ଜେନା, ଦିଲୀପ କୁମାର ଲେଙ୍କା, ଚନ୍ଦ୍ରମା ପରିଡା, ସୌମ୍ୟରଞ୍ଜନ ସାହୁ ଉପସ୍ଥିତ ଥିବାବେଳେ ମୃତ୍ୟୁଞ୍ଜୟ ମହାନ୍ତି, ମୀନାରାଣୀ ଜେନା, ପ୍ରତିମା ସେଠୀ ଓ ଶ୍ରଦ୍ଧାଞ୍ଜଳି ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ସଂକ୍ଷେପରେ**

### କେନାଲରୁ ବୃଦ୍ଧଙ୍କ ମୃତଦେହ ଜବତ

କଟକ ସଦର,୨୮।୭(ଡି.ଏନ.ଏ.)- କଟକ ସଦର ବ୍ଲକ ଅଧୀନ ବ୍ରାହ୍ମଣବାଡ ନିକଟ ନର୍ଥ ଚ୍ୟାନେଲ କେନାଲର ଲକ୍ ପାଖରୁ ବୁଧବାର ଜଣେ ବୃଦ୍ଧଙ୍କ ମୃତଦେହ କନ୍ଦରପୁର ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଛି। ସେ ହେଲେ ଏହି ବ୍ଲକ ଅଧୀନ ଦଣ୍ଡଆସିପଡା ଗ୍ରାମର ଗୋପୀନାଥ ଦାସ। ଏ ନେଇ ଥାନାରେ ଅପମୃତ୍ୟୁ ମାମଲା(ନଂ.୮/୨୧) ରୁଜୁ କରିଛି। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ମଙ୍ଗଳବାର ସକାଳେ ଗୋପୀନାଥ ଚା' ପିଇବା ପାଇଁ ଘରପାଖ ଦୋକାନକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ବୁଧବାର ତାଙ୍କର ମୃତଦେହ ପାଣିରୁ ମିଳିଥିଲା। ତେଣୁ ପାଣିରେ ବୁଡି ତାଙ୍କର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ବ୍ୟବଚ୍ଛେଦ ପରେ ମୃତଦେହ ସତ୍କାର ପାଇଁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ କହିଛି।

### ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ

**ବନଖଣ୍ଡ ଅଧିକାରୀ ସମ୍ମିଳନୀ**

ଭୁବନେଶ୍ୱର, ୨୮।୭(ବ୍ୟୁରୋ) ବନଖଣ୍ଡ ଅଧିକାରୀ ସମ୍ମିଳନୀ ବୁଧବାର ଲୋକସେବା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଓଡ଼ିଶାରେ ଉପଲବ୍ଧ ବିପୁଳ ଜଙ୍ଗଲ ସମ୍ପଦ ଆମ ରାଜ୍ୟ ପାଇଁ ପ୍ରକୃତିର ବରଦାନ। ଏହା ରାଜ୍ୟର ଅର୍ଥନୈତିକ ଉନ୍ନତି ଓ ରାଜ୍ୟବାସୀଙ୍କ ଜୀବନ ଜୀବିକାକୁ ଗଭୀର ଭାବରେ ପ୍ରଭାବିତ କରିଛି। ଏହି ମୂଲ୍ୟବାନ ସମ୍ପଦର ସୁରକ୍ଷା, ସଂରକ୍ଷଣ, ପରିଚାଳନା, ଅଭିବୃଦ୍ଧି କ୍ଷେତ୍ରରେ ବନଖଣ୍ଡ ଅଧିକାରୀଙ୍କ ଅବଦାନ ପ୍ରଶଂସନୀୟ। ଚଳିତ ମୌସୁମୀରେ ବିଭିନ୍ନ ଯୋଜନା ମାଧ୍ୟମରେ ୧ ଲକ୍ଷ ୫୦ ହଜାର ହେକ୍ଟର ଜମିରେ ବନୀକରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଧାର୍ଯ୍ୟ ଲକ୍ଷ୍ୟ ହାସଲକୁ ଆମେ ପ୍ରତିଶ୍ରୁତିବଦ୍ଧ। ଏଥିପାଇଁ ଜଙ୍ଗଲ ବିଭାଗର ୩,୩୭୫ଟି ନର୍ସରୀରେ ୧୦ କୋଟି ୮୬ ଲକ୍ଷ ଚାରା ଉତ୍ପାଦନ କରାଯାଇଛି। ସମ୍ପୃକ୍ତ ଜିଲା ପ୍ରଶାସନ ସହ ସମନ୍ୱୟ ରକ୍ଷା କରି ବନଖଣ୍ଡ ଅଧିକାରୀମାନେ ବ୍ୟାପକ ବନୀକରଣକୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅଧିକରୁ ଅଧିକ ତ୍ୱରାନ୍ୱିତ କରିବେ। ରାଜ୍ୟର ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟରେ ସାରିବାର ଆବଶ୍ୟକତା ରହିଛି। ସେ ଦିଗରେ ବନଖଣ୍ଡ ଅଧିକାରୀମାନେ ସର୍ବାଧିକ ଗୁରୁତ୍ୱ ଦେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।
ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମା କହିଲେ, କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ଅଭିନବ ଯୋଜନା ଓ କାର୍ଯ୍ୟକ୍ରମର କିଭଳି ସଫଳ ରୂପାୟନ ହେବ ତାହାର ଉତ୍ତରଦାୟିତ୍ୱ ଡିଏଫ୍‌ଓମାନଙ୍କ ଉପରେ ନ୍ୟସ୍ତ। ଦୀର୍ଘ ଅନୁଭବ, ଅନୁଭୂତି ଏବଂ ଅଭିଜ୍ଞତା ଆଧାରରେ ବିଭିନ୍ନ ଯୋଜନାର କାର୍ଯ୍ୟାନ୍ୱୟନକୁ ସମୟୋଚିତ ଭାବେ ସୁନିଶ୍ଚିତ କରିବା ଜରୁରୀ। ପିସିସିଏଫ୍ ଶିଶିର ରଥ, ପିସିସିଏଫ୍ (ବନ୍ୟପ୍ରାଣୀ) ଶଶି ପଲ୍ ପ୍ରମୁଖ ଉପସ୍ଥିତ ଥିବାବେଳେ ସମସ୍ତ ଜିଲାର ବନଖଣ୍ଡ ଅଧିକାରୀ ଭର୍ଚୁଆଲରେ ଯୋଗଦେଇଥିଲେ।

### ଖବରଦାତା ଗୋଲଖ ସୂତାରଙ୍କ ପରଲୋକ

ନିଶ୍ଚିନ୍ତକୋଇଲି/ମାହାଙ୍ଗା,୨୮।୭(ସ୍ୱ.ପ୍ର.) ନିଶ୍ଚିନ୍ତକୋଇଲି ପ୍ରେସ୍ କ୍ଲବର ପୂର୍ବତନ ସଭାପତି ତଥା ଓଡିଶା କର୍ମଜୀବୀ ସାମ୍ବାଦିକ ସଂଘ ସଭାପତି ଖବରଦାତା ଗୋଲଖ ଚନ୍ଦ୍ର ସୂତାର(୯୧)ଙ୍କ ବୁଧବାର ମାହାଙ୍ଗା ବ୍ଲକ ଅନ୍ତର୍ଗତ ସାହାନିଆଜପୁରସ୍ଥିତ ପୈତୃକ ବାସ ଭବନରେ ପରଲୋକ ଘଟିଛି। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କ ମୃତ୍ୟୁରେ ବିଭିନ୍ନ ମହଲରେ ଶୋକର



ଛାୟା ଖେଳିଯାଇଛି। ସ୍ୱର୍ଗତ ସୂତାର ସ୍ୱାଧୀନତା ପୂର୍ବରୁ ଖବରଦାତା କ୍ଷେତ୍ରରେ ପାଦ ଦେଇଥିଲେ। ସେ ନିର୍ଭୀକ ଓ ନିଷ୍ପାପରଭାବେ ଲେଖନୀ ଚାଳନା କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଥିଲେ। ଗାଁ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର ହୋଇଥିଲା। ଜ୍ୟେଷ୍ଠ ପୁତ୍ର ବିକ୍ରମ କେଶରୀ ସୂତାର ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ମନ୍ତ୍ରୀ ପ୍ରତାପ ଜେନା, କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା, ବ୍ଲକ ଅଧକ୍ଷା ସବିତା ଓଝା, ଉପାଧକ୍ଷା ସବିତା ମହାନ୍ତି,କଂଗ୍ରେସ ନେତା ପ୍ରଦୀପ୍ତ ଦାସ, ଭାଜପା ନେତା ଚୌଧୁରୀ ପ୍ରଭାତ କେଶରୀ ମିଶ୍ର, ବରିଷ୍ଠ ଖବରଦାତା ଅଭୟ ଜେନା, ରତ୍ନାକର ବାରିକ୍, ବଲ୍ଲଭ ଚରଣ ପଲେଇ,ପ୍ରଫୁଲ୍ଲ କୁମାର ଦାଶ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

# ମନ୍ତ୍ରୀଙ୍କ ଘର ଆଗରେ ମା'ପୁଅଙ୍କ ଆତ୍ମହତ୍ୟା ଉଦ୍ୟମ

**ମାଟ୍ରିକ୍ ପରୀକ୍ଷା ପାଇଁ ଫର୍ମ ପୂରଣ ନ ହେବା ଘଟଣା**

ଭୁବନେଶ୍ୱର,୨୮।୭(ବ୍ୟୁରୋ)

ମାଟ୍ରିକ୍ ପରୀକ୍ଷା ପାଇଁ ଫର୍ମ ପୂରଣ ନ ହୋଇପାରିବାରୁ ମଙ୍ଗଳବାର କ୍ୟାପିଟାଲ ହାଇସ୍କୁଲ୍ ଗେଟ୍ ସାମ୍ନାରେ ଜଣେ ମା' ଓ ତାଙ୍କ ପୁଅ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ବୁଧବାର ପୁଣି ସେମାନେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ବାସଭବନ ଆଗରେ ଆତ୍ମହତ୍ୟା ଉଦ୍ୟମ କରିବାକୁ ଯାଇଥିବାବେଳେ କ୍ୟାପିଟାଲ ଥାନା ପୋଲିସ କାବୁ କରିଛି। ସ୍କୁଲ୍ କର୍ତ୍ତୃପକ୍ଷ ତାଙ୍କ କଥା ଶୁଣୁ ନ ଥିବାରୁ ଗଣଶିକ୍ଷାମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଆସିଥିବା ସେମାନେ କହିଛନ୍ତି। ତେବେ ପରେ ପୋଲିସ ସେମାନଙ୍କୁ ବୁଝାଶୁଝା କରି ଘରେ ଛାଡିଥିବା ଜଣାପଡିଛି।
ଖାରବେଳ ନଗର ଥାନା ଭଗବତୀ ବସ୍ତିରେ ରହୁଥିବା ମା' ଜସ୍ମିନଙ୍କ



ମା' ପୁଅଙ୍କୁ ପୋଲିସ ଉଦ୍ଧାର ପରେ ବୁଝାଶୁଝା କରୁଛି।

ଅଭିଯୋଗ ଅନୁଯାୟୀ, ତାଙ୍କ ପୁଅ ୟୁନିଟ୍-୩ କ୍ୟାପିଟାଲ ହାଇସ୍କୁଲରୁ ଚଳିତବର୍ଷ ମାଟ୍ରିକରେ ୨୭୨ ନମ୍ବର ରଖିଛନ୍ତି। ବିନା ପରୀକ୍ଷାରେ ପ୍ରକାଶ ପାଇଥିବା ଏହି ମାଟ୍ରିକ ଫଳକୁ ନେଇ ସେ ଅସନ୍ତୁଷ୍ଟ ଥିଲେ। ତେଣୁ ସେ ଫର୍ମ ପୂରଣ କରି ପୁନର୍ବାର ପରୀକ୍ଷା ଦେବାକୁ ଚାହିଁଥିଲେ। ମାତ୍ର ସ୍କୁଲ କର୍ତ୍ତୃପକ୍ଷ ତାଙ୍କ ପାଇଁ ଫର୍ମ ପୂରଣ କରିଦେବେ ବୋଲି କହିଥିଲେ। ଜୁଲାଇ ୧୦ରେ ଅବଧି ସରିଥିବାବେଳେ ପରୀକ୍ଷା ପାଇଁ ସେମାନେ ଆଡମିଟ୍ କାର୍ଡ ନେବାକୁ ସ୍କୁଲକୁ ଆସିଥିଲେ। ତେବେ ତାଙ୍କର ଫର୍ମ ପୂରଣ ହୋଇ ନ ଥିବା ଜାଣିବା ପରେ ମଙ୍ଗଳବାର ସେ ତାଙ୍କ ପୁଅଙ୍କ ସହ ଆସି ସ୍କୁଲ ସାମ୍ନାରେ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଅନ୍ୟପକ୍ଷରେ, କ୍ୟାପିଟାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ଅମର କୁମାର ବେହେରା ତାଙ୍କ ଅଭିଯୋଗକୁ ଖଣ୍ଡନ କରି କହିଛନ୍ତି, ଛାତ୍ରଙ୍କ ଅଭିଭାବକ ଦୁଇଥର ଆସି ଯୋଗାଯୋଗ କରିଥିଲେ। କିନ୍ତୁ ଫର୍ମ ପୂରଣ ଶେଷଦିନ ପର୍ଯ୍ୟନ୍ତ କେହି ଆସି ନ ଥିଲେ। ଏବେ ଆଉ ଫର୍ମ ପୂରଣ ସମ୍ଭବ ନୁହେଁ। ତେବେ ଏଥିରେ ଆମ ପକ୍ଷରୁ କୌଣସି ଭୁଲ ନାହିଁ ବୋଲି ବେହେରା କହିଛନ୍ତି।



କଟକ ଶିଳ୍ପୀକୁମ୍ଭାର ସାହି ଅଞ୍ଚଳରେ ଗଣେଶ ମୂର୍ତ୍ତି ଗଢ଼ିବାରେ ନିମଗ୍ନ ଜଣେ ଯୁବଶିଳ୍ପୀ।

## କୃଷକଙ୍କୁ କେନ୍ଦ୍ରୀୟ ଯୋଜନା ସମ୍ପର୍କରେ ଜଣାଅ

କଟକ ଅଫିସ, ୨୮।୭

ଭାଜପା କଟକ ନଗର ଜିଲା କୃଷକ ମୋର୍ଚ୍ଚା ପକ୍ଷରୁ ବୁଧବାର ଦେଉଳସାହିସ୍ଥିତ ଏକ ମଣ୍ଡପରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦ୍ର ସରକାରଙ୍କ ପକ୍ଷରୁ କୃଷକଙ୍କ ପାଇଁ କରାଯାଉଥିବା ବିଭିନ୍ନ ଯୋଜନା ଉପରେ ଆଲୋଚନା ହୋଇଥିଲା। କଟକ ଜିଲାର କୃଷକମାନଙ୍କୁ ଉକ୍ତ ଯୋଜନାର ଉପକାରିତା ସମ୍ପର୍କରେ ଅବଗତ କରାଯିବାକୁ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ତଥା ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ କହିଥିଲେ। ଏଥିରେ ସଜ୍ଜନ ଶର୍ମା ସ୍ୱାଗତ ଭାଷଣ ଦେଇଥିଲେ। ରାଜ୍ୟ ଉପସଭାପତି ହୃଷୀକେଶ ଜେନା, କାର୍ଯ୍ୟକାରିଣୀ ସଦସ୍ୟ ତୁଷାରକାନ୍ତ ଚକ୍ରବର୍ତ୍ତୀ, ସମ୍ପାଦକ ସତ୍ୟବାଦୀ ଚଇନି, ନଗର ସଭାପତି ପୂର୍ଣ୍ଣଚନ୍ଦ୍ର ଜେନା, ଶଙ୍କର୍ଷଣ ମହାନ୍ତି ପ୍ରମୁଖ ଏହି ସମ୍ମିଳନୀ ଉପସ୍ଥିତ ଥିଲେ। ବାଇମୁଣ୍ଡି ମଣ୍ଡଳ ସଭାପତି ଶ୍ୟାମ ସୁନ୍ଦର ସାହୁ ଓ କଟକ ନଗର ଯୁବ ମୋର୍ଚ୍ଚା ସଭାପତି ସତ୍ୟବ୍ରତ ମିଶ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସାରସ୍ୱତ ଜଗତକୁ କବିଚନ୍ଦ୍ର କାଳୀଚରଣଙ୍କ ଅବଦାନ ଅତୁଳନୀୟ

କଟକ ଅଫିସ, ୨୮।୭

କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ୪୩ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ବୁଧବାର ଗଡ଼ଗଡ଼ିଆ ମନ୍ଦିର ରିଂରୋଡ଼ଠାରେ ଥିବା କବିଚନ୍ଦ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହା ପରେ କବିଚନ୍ଦ୍ର ସ୍ମୃତି ସଂସଦ ପକ୍ଷରୁ ଉକ୍ତ ସ୍ଥାନରେ ଏକ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସ୍ମୃତି ସଂସଦର ସାଧାରଣ ସମ୍ପାଦକ ନାଟ୍ୟକାର ସଞ୍ଜିତ୍ କୁମାର ପଟ୍ଟନାୟକ ଯୋଗଦେଇ କହିଥିଲେ, କବିଚନ୍ଦ୍ରଙ୍କ କୀର୍ତ୍ତି ଓ କୃତିକୁ ଆମ ଜାତି ଚିରଦିନ ସ୍ମରଣକରି ରଖିବ। ସଙ୍ଗୀତ, ନୃତ୍ୟ, ନାଟକ ଓ ସାରସ୍ୱତ ଜଗତକୁ କବିଚନ୍ଦ୍ରଙ୍କ ଦାନ ଅତୁଳନୀୟ। ସେହିପରି ସାହିତ୍ୟିକ ଭବାନୀ ପଣ୍ଡିତ କହିଥିଲେ, କବିଚନ୍ଦ୍ରଙ୍କ ସାଧନା ଓ ବିଦ୍ୱତ୍ତା ଓଡ଼ିଆ ଭାଷା ଓ ସଂସ୍କୃତିକୁ ସମୃଦ୍ଧ କରିଛି। ଏଥିରେ ସଂସଦର ସଭାପତି ଗୌର ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ ଗୌତମ କର, ବନମାଳୀ ବେହେରା, ବିଭୂତି ଭୂଷଣ ସେନାପତି, ମନୋରଞ୍ଜନ ମହାପାତ୍ର, ବଂଶୀଧର ରାଉତ ପ୍ରମୁଖ ଯୋଗ ଦେଇଥିଲେ।

## ମୃତଦେହ ସତ୍କାର ପାଇଁ ନୂତନ ସ୍ଥାନ ଦିଆଯାଉ

କଟକ ଅଫିସ, ୨୮।୭

କଟକର ହାଡିଆପଠା ଶ୍ମଶାନରେ ଦେବାନ ବଜାର, ସୂତାହାଟ, ବାଉଁଶଗଳି, ଓଡ଼ିଆ ବଜାର, ପଟାପୋଲ, ଜଗନ୍ନାଥବଲ୍ଲଭ ସାହିର ତେଲୁଗୁ ପରିବାରର ଲୋକଙ୍କ ମୃତଦେହ ସତ୍କାର କରାଯାଇଥାଏ। ରାଜ୍ୟ ସରକାର ସହରର ଉନ୍ନତିକରଣ ପାଇଁ ଉକ୍ତ ଶ୍ମଶାନକୁ ପୋତିଦେବା ସହ ସେଠାରେ ଥିବା ବିଶ୍ରାମସ୍ଥଳୀକୁ ମଙ୍ଗଳବାର ଭାଙ୍ଗି ଦେଇଛନ୍ତି। ଯଦି ଉନ୍ନତୀକରଣ ପାଇଁ ଉକ୍ତ ଶ୍ମଶାନ ସରକାର ପୋତି ଦେଉଛନ୍ତି, ତେବେ ନୂତନ ଶ୍ମଶାନ ନିମନ୍ତେ ସାହିଗୁଡିକ ନିକଟରେ ସ୍ଥାନ ଯୋଗାଇ ଦିଅନ୍ତୁ। ଅନ୍ୟପକ୍ଷରେ ନୂତନ ଶ୍ମଶାନ ନ ହେବା ପର୍ଯ୍ୟନ୍ତ ଉକ୍ତ ଶ୍ମଶାନ ନିକଟରେ ମୃତଦେହ ସତ୍କାର ପାଇଁ ସରକାର ଅନୁମତି ଦିଅନ୍ତୁ ବୋଲି ବୁଧବାର ଐକ୍ୟତା ସଙ୍ଗଠନ ପକ୍ଷରୁ ସ୍ଥାନୀୟ କର ପ୍ୟାଲେସଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସରକାରଙ୍କ ନିକଟରେ ଦାବି କରାଯାଇଛି।

## ଅପରାଧ ରୋକାଯିବା ଉପରେ ଗୁରୁତ୍ୱ

**ଡିଜିପିଙ୍କ ସମୀକ୍ଷା ବୈଠକ**

କଟକ ଅଫିସ, ୨୮।୭

କଟକସ୍ଥିତ ପୋଲିସ ମୁଖ୍ୟାଳୟରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ଡିଜିପି ଅଭୟ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ବୁଧବାର ଏକ ସମୀକ୍ଷା ବୈଠକ କରିଛନ୍ତି। ଏଥିରେ ଅପରାଧ ରୋକିବା ଉପରେ ଗୁରୁତ୍ୱ ଦେବା ପାଇଁ ସମସ୍ତ ଆରକ୍ଷୀ ଅଧୀକ୍ଷକ, କଟକ ଓ ରାଉରକେଲାର ରେଲୱେ ଆରକ୍ଷୀ ଅଧୀକ୍ଷକ, ଭୁବନେଶ୍ୱର ଓ କଟକ ଡିସିପିଙ୍କ ସମେତ ସମସ୍ତ ଆଇଜି ଓ ଡିଆଇଜିଙ୍କ ସହ ଆଲୋଚନା କରିଥିଲେ। ଏଥିସହ କୋଭିଡ୍ ଏନ୍‌ଫୋର୍ସମେଣ୍ଟ, ନିଶା କାରବାର, ପାସ୍‌ପୋର୍ଟ ଯାଞ୍ଚ, ଇ-ଅଭିଯୋଗ ଉପରେ ସମୀକ୍ଷା କରାଯାଇଥିଲା। ସେହିପରି ୧୧୨ର କାର୍ଯ୍ୟକାରିତା ସମ୍ପର୍କରେ ଡିଜିପି ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଶେଷରେ ବିଭାଗୀୟ କର୍ମଚାରୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ଧ୍ୟାନ ଦେବାକୁ ଡିଜିପି ବରିଷ୍ଠ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ପୋଲିସ କମିଶନର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ, ଏସ୍‌ସିଆରବି ନିର୍ଦ୍ଦେଶକ, ଗୋଇନ୍ଦା ବିଭାଗ ନିର୍ଦ୍ଦେଶକ, କ୍ରାଇମବ୍ରାଞ୍ଚ ଏଡିଜି, ଆଇଜି(ହେଡ୍‌କ୍ୱାର୍ଟର), ଆଇଜି (ଆଇନଶୃଙ୍ଖଳା), ଆଇଜି(ପ୍ରୋଭିଜନିଂ), ଆଇଜି (କାର୍ମିକ) ପ୍ରମୁଖ ଉପସ୍ଥିତ ଥିଲେ।




ସମୀକ୍ଷା ବୈଠକରେ ଡିଜିପି ଅଭୟଙ୍କ ସହ ବରିଷ୍ଠ ପୋଲିସ ଅଧିକାରୀମାନେ।

## ଚାକିରି, ଋଣ ଦେବା ଆଳରେ ୭.୧୩ ଲକ୍ଷ ଠକେଇ

**ଖୋର୍ଦ୍ଧାରୁ ବାଲେଶ୍ୱରର ଅଭିଯୁକ୍ତ ଗିରଫ**

ଖୋର୍ଦ୍ଧା ଅଫିସ,୨୮।୭

ନିଜକୁ ଆର୍‌ବିଏଲ ବ୍ୟାଙ୍କ ଓଡ଼ିଶା ମୁଖ୍ୟ ପରିଚୟ ଦେଇ ଋଣ ଓ ଚାକିରି କରାଇଦେବାକୁ କହି ଏକାଧିକ ବ୍ୟକ୍ତିଙ୍କଠାରୁ ୭ ଲକ୍ଷ ୧୩ ହଜାର ଟଙ୍କା ଠକି ନେଇଥିବା ଅଭିଯୋଗରେ ଖୋର୍ଦ୍ଧା ଆଦର୍ଶ ଟାଉନ ଥାନା ପୋଲିସ ବୁଧବାର ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବାଲେଶ୍ୱର ସଦର ଥାନା ଶଙ୍କରପୁର ଗ୍ରାମର ଅନିଲ କୁମାର ମହାନ୍ତି (୩୩)। ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରାଯିବ।

**ଠକାମିର ଶିକାର ମହିଳା ଥାନାର ଦ୍ୱାରସ୍ଥ**

କଟକ ସାଲେପୁର ଅଞ୍ଚଳରେ ମହିଳାଙ୍କୁ ସିଲେଇ ତାଲିମ ଓ ମେସିନ ଯୋଗାଇବା ନାମରେ ୨୫ଟି ସ୍ୱୟଂସହାୟକ ଗୋଷ୍ଠୀଙ୍କଠାରୁ ଅନିଲ ମହାନ୍ତି ଲକ୍ଷାଧିକ ଟଙ୍କା ଠକି ନେଇଛନ୍ତି। ବୁଧବାର ଉକ୍ତ ଅଞ୍ଚଳର ବହୁ ମହିଳା ଟାଉନ ଥାନାକୁ ଆସି ଏହି ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ମହିଳାମାନେ ପୋଲିସ ପାଖରେ ଏ ସଂକ୍ରାନ୍ତ କାଗଜପତ୍ର ଦାଖଲ କରିଛନ୍ତି।
ଅଭିଯୋଗକାରୀମାନଙ୍କ ଠାରୁ ମିଳିଥିବା ତଥ୍ୟ ଅନୁଯାୟୀ, ୨୦୧୭ରେ ଅନିଲ ସାଲେପୁରରେ ଏକାଡେମୀ ଅଫ ସଂସ୍କୃତି ଏଜୁକେଶନ ନାମରେ ଏକ ସଂସ୍ଥା ଖୋଲିଥିଲେ। ଏହା ଜରିଆରେ ମହିଳାଙ୍କୁ ୧୨ସପ୍ତାହ ସିଲେଇ ପ୍ରଶିକ୍ଷଣ ପରେ ମେସିନ ଯୋଗାଇଦେବାକୁ ସାଲେପୁର, ନିଶ୍ଚିନ୍ତକୋଇଲି, ମାର୍ଶାଘାଇ, ହିନ୍ଦୋଳ ପ୍ରଭୃତି ଅଞ୍ଚଳର ୨୫ଟି ଏସ୍‌ଏଚ୍‌ଜି ସହ ଚୁକ୍ତି କରିଥିଲେ। ପ୍ରାୟ ୫ହଜାର ଯୁବତୀ, ମହିଳାଙ୍କ ବାବଦକୁ ଲକ୍ଷାଧିକ ଟଙ୍କା ଧରି ରାତାରାତି ଚମ୍ପଟ ମାରିଥିଲେ। ଏନେଇ ୨୦୧୮ ସେପ୍ଟେମ୍ବର ୧୨ରେ ସମ୍ପୃକ୍ତ ମହିଳାମାନେ ସାଲେପୁର ଥାନାରେ ଏତଲା ଦେଇଥିଲେ। ଫଳରେ ସେ ଫେରାର ହୋଇଯାଇଥିଲେ। ବୁଧବାର କୌଣସି ସୂତ୍ରରୁ ଖବର ପାଇ ମାର୍ଶାଘାଇର କଳ୍ପନା ଦ୍ୱିବେଦୀ, ଜ୍ୟୋତିର୍ମୟୀ ନାୟକ, ପ୍ରତାପ କୁମାର ସିଂ, ନିଶ୍ଚିନ୍ତ କୋଇଲିର ପ୍ରତିମା ନାୟକ, ସାଲେପୁରର ଶିବପ୍ରସାଦ ସ୍ୱାଇଁ ପ୍ରମୁଖ ଥାନାରେ ପହଞ୍ଚି ଅନିଲଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ଏନେଇ ଥାନାଧିକାରୀ ସଞ୍ଜୟ ପଟ୍ଟନାୟକ କହିଛନ୍ତି,ଏହି ଘଟଣା ସାଲେପୁର ଅଞ୍ଚଳରେ ଘଟିଥିବାରୁ ସେହି ଥାନାରେ ଅଭିଯୋଗ କରିବାକୁ ସେମାନଙ୍କୁ ପରାମର୍ଶ ଦିଆଯାଇଛି।

**ସଙ୍ଗିନ ଅଭିଯୋଗ ଆଣିଲେ ସ୍ତ୍ରୀ**

ଅନିଲଙ୍କ ବିରୋଧରେ ତାଙ୍କ ସ୍ତ୍ରୀ ସୋନାଲି ପଟ୍ଟନାୟକ ସଙ୍ଗିନ ଅଭିଯୋଗ ଆଣିଛନ୍ତି। ସୋନାଲି କହିଛନ୍ତି, ଅନିଲ ତାଙ୍କୁ ଯୌତୁକ ନିର୍ଯାତନା, ଗର୍ଭ ନଷ୍ଟ, ହତ୍ୟା ଧମକ ଦେଉଥିଲେ। ଏ ନେଇ ସେ ବୁଧବାର ଖୋର୍ଦ୍ଧା ଟାଉନ ଥାନାରେ ଅଭିଯୋଗ କରିବା ପରେ ପୋଲିସ କେସ୍ (ନଂ. ୨୯୨/୨୧) ରୁଜୁ କରିଛି।



ସେଲ୍ଫି କର୍ନର ଧରିତ୍ରୀ
DHARITRI

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି**

metroselfie@gmail.com



@ ଅମ୍ଳାନ



@ ରଜତ୍



@ ଜିତେନ୍ଦ୍ର



@ ସୁଧୀର



@ ବାପୁ



@ ପୂର୍ଣ୍ଣଚନ୍ଦ୍ର

## ବିଦ୍ୟୁତ୍ ତାର ତଳେ ଗଛ ଲଗାଇବାକୁ ନେଇ ଉତ୍ତେଜନା

କଟକ ସଦର,୨୮।୭(ଡି.ଏନ.ଏ.)

କଟକ ସଦର ବ୍ଲକ ଅଧୀନ ପରମହଂସ ପଞ୍ଚାୟତ ରାସ୍ତା ପାର୍ଶ୍ୱରେ ଜଙ୍ଗଲ ବିଭାଗ ପକ୍ଷରୁ ଗଛ ଲଗା ଅଭିଯାନ ଆରମ୍ଭ ହୋଇଛି। ପରମହଂସ, ରଘୁନାଥପୁର, କୁସିଙ୍ଗା ଗ୍ରାମ ନିକଟ ରାସ୍ତାପାର୍ଶ୍ୱରେ ୧୧ କେଭି ବିଦ୍ୟୁତ୍ ତାର ତଳେ ଗଛ ଲଗାଯାଉଥିବାରୁ ସ୍ଥାନୀୟ ଲୋକେ ବିରୋଧ କରିଥିଲେ। କାରଣ ଗଛ ବଡ ହେଲେ ଉଚ୍ଚତାପ ଲାଇନ୍‌କୁ ଡାଳ ସ୍ପର୍ଶ କରିବ। ପରେ ଘନ ଘନ ବିଦ୍ୟୁତ୍ ବିଭ୍ରାଟ ଦେଖାଦେବ। ଜଙ୍ଗଲ ବିଭାଗ କର୍ମଚାରୀମାନେ କାମ ବନ୍ଦ ନ କରିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ପରମହଂସ ସରପଞ୍ଚ ମିନତୀ ବେହେରା ହସ୍ତକ୍ଷେପ କରିବାରୁ କାମ ବନ୍ଦ ହୋଇଥିଲା। ମାତ୍ର ଯେତିକି ଗଛ ବିଦ୍ୟୁତ୍ ତାର ତଳେ ଲଗାଯାଇଛି, ତାହାକୁ ହଟାଇନେବା ପାଇଁ ଦାବି ହେଉଛି।

## 'ମୁଖ୍ୟ ଡ୍ରେନ୍ ନିର୍ମାଣ କାମ ତୁରନ୍ତ ଶେଷ କର'

**ପରିମଳ, ଡ୍ରେନେଜ ବ୍ୟବସ୍ଥାର ସମୀକ୍ଷା କଲେ ସିଏମ୍‌ସି କମିଶନର**

କଟକ ଅଫିସ,୨୮।୭

କଟକ ମହାନଗର ନିଗମ(ସିଏମ୍‌ସି) କମିଶନର ଅନନ୍ୟା ଦାସ ବୁଧବାର ମହାନଦୀବିହାର ଓ ଖାନ୍‌ନଗର ଅଞ୍ଚଳ ପରିଦର୍ଶନ କରି ପରିମଳ ଓ ଡ୍ରେନେଜ ବ୍ୟବସ୍ଥାର ତଦାରଖ କରିଛନ୍ତି। ମହାନଦୀ ବିହାରଠାରୁ ଆନନ୍ଦ ବିହାର ପର୍ଯ୍ୟନ୍ତ ମୁଖ୍ୟ ଡ୍ରେନ୍ ନିର୍ମାଣ କାର୍ଯ୍ୟ ତୁରନ୍ତ ସାରିବାକୁ ବିଭାଗୀୟ ଅଧିକାରୀଙ୍କୁ କମିଶନର ନିର୍ଦ୍ଦେଶ ଦେଇଥିଲେ। ମହାନଦୀବିହାର ପରିଦର୍ଶନ ସମୟରେ ବିଧାୟକ ସୌଭିକ୍ ବିଶ୍ୱାଳ ଓ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଉପସ୍ଥିତ ଥିଲେ। ଏହାପରେ କମିଶନର ଖାନ୍‌ନଗରଠାରେ ଜାଇକା ପକ୍ଷରୁ ଜଳ ନିଷ୍କାସନ ପାଇଁ କରାଯାଇଥିବା ପମ୍ପିଂ ଷ୍ଟେଶନ ପରିଦର୍ଶନ କରି ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଥିଲେ। ଖାନ୍‌ନଗର ଚନ୍ଦନ ପଡିଆରେ ବର୍ଷାଜଳ ଜମି ରହୁଥିବାରୁ ମଶାବଂଶ ବୃଦ୍ଧି ପାଇବା ସମ୍ଭାବନା ରହିଛି। ତେଣୁ ଜଳ ନିଷ୍କାସନ ବ୍ୟବସ୍ଥା କରିବାକୁ ବିଭାଗୀୟ ଅଧିକାରୀଙ୍କୁ କମିଶନର କହିଥିଲେ। ଏଥିସହ ସ୍ଥାନୀୟ ଅଞ୍ଚଳରେ ଆବର୍ଜନା ସଫେଇ ଉପରେ ସାଧାରଣ ଲୋକଙ୍କ ସହ ଆଲୋଚନା କରିଥିଲେ। ଏହି ପରିଦର୍ଶନ ସମୟରେ ସିଏମ୍‌ସି ନଗର ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଦିବ୍ୟରଞ୍ଜନ ତ୍ରିପାଠୀଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

**ବର୍ଦ୍ଧିତ ବିଦ୍ୟୁତ୍ ଶୁଳ୍କ ପ୍ରତ୍ୟାହାର ଦାବିରେ ଭାଜପାର ବିକ୍ଷୋଭ**

କାକଟପୁର (ଡି.ଏନ୍.ଏ.): ବର୍ଦ୍ଧିତ ବିଦ୍ୟୁତ୍ ଶୁଳ୍କ ପ୍ରତ୍ୟାହାର ଦାବିରେ ବୁଧବାର ଭାଜପା ନେତା ରବି ମଲ୍ଲିକଙ୍କ ନେତୃତ୍ୱରେ କାକଟପୁର ବିଦ୍ୟୁତ୍ ଉପଖଣ୍ଡ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଉପଖଣ୍ଡ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ବର୍ଦ୍ଧିତ ଶୁଳ୍କ ପ୍ରତ୍ୟାହାର କରିବା, ଲୋ-ଭୋଲ୍ଟେଜ ସମସ୍ୟା ଦୂର କରିବା, ଅଘୋଷିତ ବିଦ୍ୟୁତ୍ କାଟ ବନ୍ଦ କରିବା ଆଦି ଦାବି ରହିଛି। ବିକ୍ଷୋଭରେ ଲତାହରଣ ମଣ୍ଡଳ ସଭାପତି ସରୋଜ ମିଶ୍ର, କାକଟପୁର ମଣ୍ଡଳ ସଭାପତି ଉପେନ୍ଦ୍ର ସୁବୁଦ୍ଧି, ପୁରୀ ଜିଲା ଯୁବ ଭାଜପା ସମ୍ପାଦକ ରାକେଶ ବିଶାଳ, ରତିକାନ୍ତ ବେହେରା, ରଣଜିତ୍ ରାଉତରାୟ ପ୍ରମୁଖ ସାମିଲ ଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୮।୦୭।୨୦୨୧
୧୦୩୪ ଟଙ୍କା

## ସଂକ୍ଷେପରେ

### ମୁଖ୍ୟ ଚିକିତ୍ସାଳୟରେ ୧୦ ଘଣ୍ଟା ଜଳ ଯୋଗାଣ ବନ୍ଦ

**ରୋଗୀ, କର୍ମଚାରୀ ହଇରାଣ**

**ପୁରୀ ଅଫିସ,୨୮।୭:** ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ବୁଧବାର ସକାଳ ୯ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ପ୍ରାୟ ୧୦ ଘଣ୍ଟା ଧରି ଜଳ ଯୋଗାଣ ବ୍ୟବସ୍ଥା ଠପ୍ ହୋଇଯାଇଥିଲା। ଫଳରେ କର୍ମଚାରୀଙ୍କ ସମେତ ରୋଗୀ ଓ ସେମାନଙ୍କ ଆଟେଣ୍ଡାଣ୍ଟ ହଇରାଣ ହୋଇଥିଲେ। ମେଡିକାଲ କର୍ମଚାରୀ ଏନେଇ ହସ୍ପିଟାଲ୍ କର୍ତ୍ତୃପକ୍ଷଙ୍କୁ ସୂଚନା ଦେବା ସତ୍ତ୍ୱେ ବ୍ୟବସ୍ଥା ସୁଧୁରି ନ ଥିଲା। ରୋଗୀମାନେ ବିନା ପାଣିରେ ଶୌଚ କରିବା ଆରମ୍ଭ କରିଥିଲେ। କିଛି ସମୟ ପରେ ସ୍ଥିତି ଏଭଳି ହୋଇଥିଲା ଯେ ଚିକିତ୍ସାଳୟ ପରିସର ଦୁର୍ଗନ୍ଧରେ ଫାଟୁଥିଲା। ଚିକିତ୍ସାଳୟ କର୍ତ୍ତୃପକ୍ଷ ମୋଟର ମରାମତି ପାଇଁ ପିଏଚଡିକୁ ସୂଚନା ଦେଇଥିଲେ। ମୋଟର ମରାମତି ପରେ ବି ବିଦ୍ୟୁତ୍‌ଜନିତ ସମସ୍ୟା ଯୋଗୁ ଜଳଯୋଗାଣ ହୋଇ ପାରି ନ ଥିଲା। ବିଦ୍ୟୁତ୍ ବିଭାଗର କର୍ମଚାରୀମାନେ ପହଞ୍ଚି ମୋଟର ଚାଲୁ କରିଥିଲେ। ସେତେବେଳକୁ ସନ୍ଧ୍ୟା ୭ଟା ବାଜି ସାରିଥିଲା। ଅନ୍ୟପକ୍ଷରେ ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ ପ୍ରଣବ ପ୍ରକାଶ ଦାଶ ଜଳଯୋଗାଣ ବିଚ୍ଛିନ୍ନ ଘଟଣାକୁ ନେଇ ଦୁଃଖ ପ୍ରକାଶ କରିବା ସହ ଯାନ୍ତ୍ରିକ ତ୍ରୁଟି ଯୋଗୁ ଏଭଳି ହୋଇଥିବା କହିଛନ୍ତି।

### ଓଡ଼ିଶା ସ୍ୱର୍ଣ୍ଣ ରୌପ୍ୟ ଶିଳ୍ପୀ ମହାସଂଘ ବୈଠକ

**ସାକ୍ଷୀଗୋପାଳ,୨୮।୭ (ଡି.ଏନ୍.ଏ.):** କୋଭିଡ୍ କଟକଣା ମଧ୍ୟରେ ବୁଧବାର ଓଡ଼ିଶା ସ୍ୱର୍ଣ୍ଣ ରୌପ୍ୟ ମହାସଂଘର ଏକ ବୈଠକ ସ୍ଥାନୀୟ ପାନ୍ଥନିବାସରେ ଅନୁଷ୍ଠିତ ହୋଇଯାଇଛି। କୋଭିଡ ସମୟରେ କାରିଗରଙ୍କ ପରିବାର ହଇରାଣ ହେଉଥିବାରୁ ସହାୟତା ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ସୁଫଳ ମିଳିଲା ନାହିଁ। ସାକ୍ଷୀଗୋପାଳ ମନ୍ଦିର ନିକଟ ଚୈତନ୍ୟ ଦେବଙ୍କ ମନ୍ଦିରର ପୁନରୁଦ୍ଧାର କାର୍ଯ୍ୟ ସୁଚାରୁ ଭାବେ କରିବା ପାଇଁ ସ୍ଥାନୀୟ କର୍ମକର୍ତ୍ତାଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଆଖପାଖ ବିଭିନ୍ନ ଗ୍ରାମର ସ୍ୱର୍ଣ୍ଣକାରମାନେ ବୈଠକରେ ଯୋଗ ଦେଇଥିଲେ। ଓଡ଼ିଶା ସ୍ୱର୍ଣ୍ଣ ରୌପ୍ୟ ଶିଳ୍ପୀ ମହାସଂଘର ସଭାପତି ରମେଶ ଚନ୍ଦ୍ର ସାଥୁଆ, ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ, କୋଷାଧ୍ୟକ୍ଷ ଦାମୋଦର ସାହୁ, କାର୍ଯ୍ୟକାରୀ କୋଷାଧ୍ୟକ୍ଷ ସୁରେନ୍ଦ୍ର କୁମାର ସାହୁ, ସହ-ସମ୍ପାଦକ ଅକ୍ଷୟ କୁମାର ସାଥୁଆ, ଉପଦେଷ୍ଟା ବାମନ ଚରଣ ପୃଷ୍ଟି, ସାକ୍ଷୀଗୋପାଳ ସଙ୍ଘର ପ୍ରଫୁଲ୍ଲ ବେହେରା, କୃଷ୍ଣ ଚନ୍ଦ୍ର ସାହୁ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

### ସ୍ୱାବଲମ୍ବୀ ହେବାକୁ ଆହ୍ୱାନ

**ପୁରୀ ଅଫିସ, ୨୮।୭:** ସାମାଜିକ ଅନୁଷ୍ଠାନ 'ଦି ମିରର ପୁରୀ' ତରଫରୁ ବୁଧବାର ଶିକ୍ଷା ସଂସ୍କାର ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଛି। ଏଥିରେ ରାଷ୍ଟ୍ରୀୟ ସଦଭାବନା ମଞ୍ଚର ଉପଦେଷ୍ଟା ଅଧ୍ୟାପକ ସୁକାନ୍ତ କୁମାର ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଦି ମିରର ସଭାପତି ତଥା ରାଷ୍ଟ୍ରୀୟ ସଦଭାବନା ମଞ୍ଚ ଆବାହକ ସଞ୍ଜୟ କୁମାର ପ୍ରଧାନ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ନେହେରୁ ଯୁବକେନ୍ଦ୍ରର ଆଞ୍ଚଳିକ ନିର୍ଦ୍ଦେଶକ ନବୀନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୁବତୀ ଯୁବକ କିପରି କରୋନା ସମୟରେ ସ୍ୱାବଲମ୍ବୀ ହୋଇପାରିବେ ତାହା ବୁଝାଇଥିଲେ। ଜାତୀୟ ଯୁବ ପ୍ରକଳ୍ପର ରାଜ୍ୟ ଆବାହକମଧୁସୂଦନ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ମହାତ୍ମାଗାନ୍ଧୀଙ୍କ ସ୍ୱପ୍ନର ଗ୍ରାମକୁ ଫେରିଚାଲ ଡାକରା ଦେଇଥିଲେ। ନେହେରୁ ଯୁବ କେନ୍ଦ୍ରର ଜିଲା ସଂଯୋଜକ ଜୟଶଙ୍କର ଯୋଶୀ, ରାଷ୍ଟ୍ରୀୟ ସଦ୍‌ଭାବନା ଅଧ୍ୟକ୍ଷ ପ୍ରଦ୍ୟୁମ୍ନ କୁମାର ମିଶ୍ର, ଉପାଧ୍ୟକ୍ଷା ସ୍ୱର୍ଣ୍ଣଲତା ଜେନା ଏବଂ ଡାକ୍ତର ଲକ୍ଷ୍ମୀକାନ୍ତ ଦାସ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ପୁରୀ ଜିଲାର ସମସ୍ତ ପଞ୍ଚାୟତ ଓ ସହରାଞ୍ଚଳ ବସ୍ତିରେ ଦି ମିରର ଆନୁକୂଲ୍ୟରେ ଶିକ୍ଷା ଆନନ୍ଦ କେନ୍ଦ୍ର ଖୋଲାଯାଇଛି। ଏଥିରେ ଗରିବ, ଅବହେଳିତ ଓ ମେଧାବୀ ଛାତ୍ରାଛାତ୍ରଙ୍କୁ ମାଗଣାରେ ମୂଲ୍ୟବୋଧ ଶିକ୍ଷା ଦିଆଯିବ। ଆଇନଜୀବୀ ବସନ୍ତ କୁମାର ରାଉତ ଧନ୍ୟବାଦ ଦେଇଥିଲେ।

# 'ମରଣମୁହଁକୁ ଠେଲିଦେଲେ'

## କାମ ବେଳେ ବିଦ୍ୟୁତ ଆଘାତରେ କର୍ମଚାରୀଙ୍କ ମୃତ୍ୟୁ

- ସୁରକ୍ଷା ସରଞ୍ଜାମ ବିନା ଖୁଣ୍ଟରେ ଚଢ଼ିଥିଲେ
- ଘଟଣାର ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ: କନିଷ୍ଠ ଯନ୍ତ୍ରୀ

**ପୁରୀ ଅଫିସ,୨୮।୭**

ପୁରୀ ବିଦ୍ୟୁତ ବିଭାଗରେ କାର୍ଯ୍ୟରତ ଜଣେ ଠିକା କର୍ମଚାରୀଙ୍କ ବୁଧବାର ବିଦ୍ୟୁତ ଆଘାତରେ ମୃତ୍ୟୁ ଘଟିଛି। ସେ ବିଦ୍ୟୁତ୍ ଖୁଣ୍ଟରେ ଚଢ଼ି କାମ କରୁଥିବାବେଳେ ଏହି ଅଘଟଣ ଘଟିଛି। ମୃତକ ହେଲେ ପୁରୀର ଜିତେନ୍ଦ୍ର ଦଳେଇ। ୨ଜଣ ଲାଇନମ୍ୟାନ ଘଟଣାସ୍ଥଳରେ ଥିବା ସତ୍ତ୍ୱେ ଜଣେ ଅନଭିଜ୍ଞ ଠିକା କର୍ମଚାରୀଙ୍କୁ ଖୁଣ୍ଟରେ ଚଢ଼ି କାମ କରାଇବା ନେଇ ଜିତେନ୍ଦ୍ରଙ୍କ ବଡଭାଇ ଅଜୟ ଦଳେଇ ପ୍ରଶ୍ନ ଉଠାଇଛନ୍ତି। ସୁରକ୍ଷା ସରଞ୍ଜାମ ବିନା କାମ କରାଇ ଜିତେନ୍ଦ୍ରଙ୍କୁ ମରଣମୁହଁକୁ ଠେଲିଦିଆଯାଇଛି ବୋଲି ଅଜୟ ଅଭିଯୋଗ ଆଣି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏଥିସହ ବିଭାଗର ଅବହେଳାକୁ ଦୋଷ ଦେଇଛନ୍ତି। ଜିତେନ୍ଦ୍ରଙ୍କ ପରିବାର ପକ୍ଷରୁ ଏନେଇ ପୁରୀ ସମୁଦ୍ରକୂଳ ଥାନାରେ ଏତଲା ଦିଆଯାଇଛି।

ଅଭିଯୋଗ ଅନୁଯାୟୀ, ବୁଧବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ପୁରୀ ସହରସ୍ଥ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା କେନ୍ଦ୍ର ପାଖରେ ଥିବା ବିଦ୍ୟୁତ୍ ଖୁଣ୍ଟରେ ମରାମତି କାମ ଚାଲିଥିଲା। ଖୁଣ୍ଟ ତଳେ ୨ଜଣ ଲାଇନମ୍ୟାନ ରବିନ୍ଦ୍ର ରାଉତ ଓ ଲାଇନମ୍ୟାନ୍ ମନମୋହନ ପ୍ରହରାଜ ଉପସ୍ଥିତ ଥିଲେ। ତେବେ ଜିତେନ୍ଦ୍ରଙ୍କୁ ଖୁଣ୍ଟରେ ଚଢ଼ି କାମ କରିବାକୁ କୁହାଯାଇଥିଲା। ଗ୍ଲୋବ୍ସ, ବେଲ୍ଟ, ହେଲମେଟ୍ ଇତ୍ୟାଦି ସୁରକ୍ଷା ସରଞ୍ଜାମ ନ ଥିବାରୁ ଜିତେନ୍ଦ୍ର ପ୍ରଥମେ ଖୁଣ୍ଟରେ ଚଢ଼ିବାକୁ ରାଜି ହୋଇ ନ ଥିଲେ। ମାତ୍ର ପରେ ଉପରିସ୍ଥ କର୍ମଚାରୀଙ୍କ ଚାପରେ ସେ ଖୁଣ୍ଟରେ ଚଢ଼ିଥିଲେ। ଖୁଣ୍ଟ ଉପରେ ମରାମତି କାମ କରୁଥିବାବେଳେ ହଠାତ୍ ବିଦ୍ୟୁତ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିଲେ।

ସାଧାରଣତଃ ଲାଇନ୍‌ମ୍ୟାନ୍ ବିଦ୍ୟୁତ୍ ଖୁଣ୍ଟରେ ଚଢ଼ିବା କଥା। ମାତ୍ର ଘଟଣାସ୍ଥଳରେ ୨ଜଣ ଲାଇନ୍‌ମ୍ୟାନ୍ ଥାଇ ମଧ୍ୟ କିପରି ସହକାରୀ କର୍ମଚାରୀ ଜିତେନ୍ଦ୍ରଙ୍କୁ ଖୁଣ୍ଟରେ ଚଢ଼ିବାକୁ ଦିଆଗଲା ବୋଲି ଅଜୟ ପ୍ରଶ୍ନ କରିଛନ୍ତି। ଅଜୟ କହିଛନ୍ତି, ଗତ ୫ବର୍ଷ ହେବ ଜିତେନ୍ଦ୍ର ଠିକା କର୍ମଚାରୀ ଭାବେ ଭାବେ କାର୍ଯ୍ୟରତ ଥିଲେ। ଲାଇନମ୍ୟାନମାନେ ନିଜେ ବିଦ୍ୟୁତ୍ ଖୁଣ୍ଟରେ ଚଢ଼ିବା ବଦଳରେ ତାଙ୍କୁ ଚଢ଼ାଇଥାଆନ୍ତି। ସେ ଏଥିପାଇଁ ଅନେକ ଥର ମନା କରିଥିଲେ ମଧ୍ୟ ତାଙ୍କୁ ବାଧ୍ୟ କରାଯାଇଥାଏ। ଚାକିରି ପାଇଁ ବାଧ୍ୟବାଧକତାରେ ସେ ଉପରିସ୍ଥଙ୍କ ନିର୍ଦ୍ଦେଶ ପାଳନ କରିଥାନ୍ତି। ବୁଧବାର ମଧ୍ୟ ସେଭଳି ତାଙ୍କୁ ବାଧ୍ୟ କରାଯାଇଥିଲା। ଦୁଇ ମାସ ତଳେ ଏମ୍ସରେ ତାଙ୍କର ମସ୍ତିଷ୍କ ଅସ୍ତ୍ରୋପଚାର ହୋଇଥିଲା। ସେ କିଛିଦିନ କୋମାରେ ରହି ଫେରିଥିଲେ। ଏନେଇ ସଂସ୍ଥା ପାଖରେ ଖବର ଥିଲା। ଏତେ ସବୁ ପରେ ବି ଜିତେନ୍ଦ୍ରଙ୍କୁ ବାଧକରି ମରଣମୁହଁକୁ ଠେଲି ଦିଆଗଲା। ସେହିପରି ଜିତେନ୍ଦ୍ର ଖୁଣ୍ଟିରେ ଚଢ଼ି କାର୍ଯ୍ୟ କରୁଥିବାବେଳେ ବିଦ୍ୟୁତ୍ ଚାର୍ଜ କିପରି ହେଲା ଓ ପୂର୍ବରୁ କାହିଁକି ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରାଯାଇ ନ ଥିଲା ବୋଲି ଅଜୟ ପ୍ରଶ୍ନ ଉଠାଇଛନ୍ତି। ସେହିପରି ଜିତେନ୍ଦ୍ରଙ୍କ ଜଣେ ସହକର୍ମୀ ନାମ ଗୋପନ ରଖି କହିଛନ୍ତି, ଆମମାନଙ୍କୁ ସବୁବେଳେ ବିଦ୍ୟୁତ ଖୁଣ୍ଟରେ ଚଢ଼ି ମରାମତି କାମ କରିବାକୁ କୁହାଯାଏ। ଆମ ପାଖରେ ଦକ୍ଷତା କିମ୍ବା ତାଲିମ ନ ଥିଲେ ମଧ୍ୟ ଉପରିସ୍ଥ କର୍ମଚାରୀମାନଙ୍କ କଥା ମାନିଥାଉ। ଅନ୍ୟପକ୍ଷରେ ଜିତେନ୍ଦ୍ରଙ୍କୁ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲେ ମଧ୍ୟ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଜିତେନ୍ଦ୍ରଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ଏକ ପ୍ରକାର ଅସହାୟ ହୋଇପଡ଼ିଛି। ଏନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ପ୍ରଦୀପ୍ତ କୁମାର ରାୟ କହିଛନ୍ତି, ଲାଇନମ୍ୟାନ୍ ଖୁଣ୍ଟ ଉପରେ ଚଢ଼ିବା ପାଇଁ ଉତ୍ତରଦାୟୀ। ମାତ୍ର ସେ ନ ଚଢ଼ି ଜଣେ ଠିକା କର୍ମଚାରୀ (ଟେକ୍ନିସିଆନ) ଚଢ଼ିବା ଘଟଣା ଏବେ ତଦନ୍ତ ପରିସରଭୁକ୍ତ। ମୃତଦେହ ରିପୋର୍ଟ ଓ ତଦନ୍ତ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ବିଭିନ୍ନ ଦାବି ନେଇ ନୀଳାଚଳ କୃଷକ ମହାସଂଘ ପକ୍ଷରୁ ବୁଧବାର ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

## ୨୧ ଦଫା ଦାବିରେ କୃଷକଙ୍କ ଧାରଣା

**ପୁରୀ ଅଫିସ, ୨୮।୭**

ପୁରୀ ଜିଲ୍ଲାର କୃଷକଙ୍କ ବିକାଶ ଓ ଫନୀ କ୍ଷତିଗ୍ରସ୍ତଙ୍କୁ ସହାୟତା ରାଶି ପ୍ରଦାନ ସହ ବିଭିନ୍ନ ଦାବି ନେଇ ବୁଧବାର ନୀଳାଚଳ କୃଷକ ମହାସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ମହାସଂଘ ସଭାପତି ଗୋପୀନାଥ ମିଶ୍ରଙ୍କ ନେତୃତ୍ୱରେ ଶତାଧିକ କୃଷକ ସୁଭାଷ ବୋଷ ଛକଠାରୁ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଧାରଣା ଦେଇଥିଲେ। ସଭାପତି ମିଶ୍ର ଅଭିଯୋଗ କରିଛନ୍ତି ଯେ, ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟ ସମ୍ମୁଖୀନ ହେବା କାରଣରୁ କୃଷକମାନେ କ୍ଷତିଗ୍ରସ୍ତ ହେଉଛନ୍ତି। ସରକାର ଯେଉଁ ଅର୍ଥ ଚାଷୀଙ୍କ ପାଇଁ ମଞ୍ଜୁର କରୁଛନ୍ତି ତାହା ସମୁଦ୍ରକୁ ଶଙ୍ଖେ। ସେହିପରି ପ୍ରଶାସନର ପରିଚାଳନାଗତ ତ୍ରୁଟି ଯୋଗୁ ଅନୁଦାନ ଅର୍ଥ ପ୍ରକୃତ ଚାଷୀ ନିକଟରେ ପହଞ୍ଚି ପାରୁନାହିଁ। ପ୍ରଶାସନକୁ ଜଣାଇ ନିରାଶ ହେବାକୁ ପଡୁଛି। ଫନୀ କ୍ଷତିଗ୍ରସ୍ତ ଚାଷୀଙ୍କୁ ଚିହ୍ନଟ କରି କ୍ଷତିପୂରଣ ପ୍ରଦାନ ପାଇଁ ସରକାର ନିର୍ଦ୍ଦେଶ ଦେଇଥିଲେ। ମାତ୍ର ପ୍ରକୃତ କ୍ଷତିଗ୍ରସ୍ତ ସହାୟତା ରାଶି ପାଇବାରୁ ବଞ୍ଚିତ ହେଲେ। ତୁରନ୍ତ ଜିଲା ପ୍ରଶାସନ ଚାଷୀଙ୍କୁ ଡାକି ୨୧ଟି ଦାବି ପୂରଣ ପାଇଁ ପଦକ୍ଷେପ ନେଉ। ରାଭୁଆରୁ କଲ୍ୟାଣପୁର ଏବଂ ବରକେରାଠାରୁ ଶାତସଙ୍ଗ ପର୍ଯ୍ୟନ୍ତ ନାଳ ଖନନ, ଧାନର ଅଭାବ ବିକ୍ରି ରୋକିବା ପାଇଁ ସ୍ୱତନ୍ତ୍ର ଟୋକନ ପ୍ରଦାନ, ବର୍ଷା ଓ ବନ୍ୟାଜଳ ନିଷ୍କାସନ ପାଇଁ ରତ୍ନଚିରା ଓ ଭାର୍ଗବୀ ନଦୀର ଦୁଆବ ଅଞ୍ଚଳକୁ ମାଷ୍ଟର ପ୍ଲାନ ଜରିଆରେ ଖନନ କରିବା, ଫନୀ କ୍ଷତିଗ୍ରସ୍ତଙ୍କୁ ଚିହ୍ନଟ କରି କ୍ଷତିପୂରଣ ଦେବା, ସତ୍ୟବାଦୀ ଓ ଡେଲାଙ୍ଗ ବ୍ଲକ୍‌ରେ ଦେୱାନୀ ଓ ଫୌଜଦାରୀ ଅଦାଲତ ପ୍ରତିଷ୍ଠା କରିବା ପ୍ରଭୃତି ଦାବି କରାଯାଇଛି।

## ଧାନ କିଣାବିକା, ଫାଇଲିନ୍ ସହାୟତା ଅର୍ଥ ହେରଫେର: ତଦନ୍ତ ଦାବି

**ପୁରୀ ଅଫିସ, ୨୮।୭**

ପୁରୀ ସଦର ବ୍ଲକ୍ ହନ୍ତୁକ ସେବା ସମିତିରେ ହୋଇଥିବା ଧାନ କିଣାବିକା ଓ ଫାଇଲିନ୍ ସହାୟତା ଅର୍ଥ ହେରଫେର ଘଟଣାର ତଦନ୍ତ ଏବଂ କାର୍ଯ୍ୟାନୁଷ୍ଠାନ ଦାବିରେ ବୁଧବାର ସୂଚନା ଅଧିକାର କର୍ମୀମାନଙ୍କ ପକ୍ଷରୁ ଜିଲାପାଳଙ୍କୁ ୧୦ ଦଫା ସମ୍ବଳିତ ଅଭିଯୋଗ ପତ୍ର ଦିଆଯାଇଛି। ଅଭିଯୋଗ ପତ୍ରରେ ଦର୍ଶାଯାଇଛି, ୨୦୧୩ ଫାଇଲିନ ବାତ୍ୟାରେ ରାଜ୍ୟ ସରକାର ଖରିଫ ଚାଷର ୬୦% ଶସ୍ୟ ବୀମା ଛାଡ଼ କରିଥିଲେ। ହନ୍ତୁକ ସେବା ସମବାୟ ସମିତିର ୭୦୦ ଚାଷୀଙ୍କ ବୀମା ଛାଡ ହେବା କଥା। କିନ୍ତୁ ସମିତି କର୍ତ୍ତୃପକ୍ଷ ଋଣୀ ସଭ୍ୟଙ୍କୁ ଋଣ ଛାଡ଼ ରସିଦ୍ କିମ୍ବା କିଷାନ କ୍ରେଡିଟ୍ କାର୍ଡ ବହି ଦେଲେ ନାହିଁ। ସେହିପରି ଶ୍ରୀକ୍ଷେତ୍ର ଶାଖାରୁ ଅଣାଯାଇଥିବା ଟଙ୍କା ବିଷୟରେ ତଥ୍ୟ ଦିଆଗଲା ନାହିଁ। ଏସବୁ ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ପାଇଁ ସୂଚନା ଅଧିକାର କର୍ମୀମାନେ ଦାବି କରିଛନ୍ତି। ସମିତି ନିର୍ବାଚନକୁ ସ୍ଥଗିତ ରଖିବା, ଋଣ ତାଲିକା ଦେବା, କ୍ଷତିଗ୍ରସ୍ତ ଜମି ମାଲିକ ଓ ଚାଷୀଙ୍କୁ କ୍ଷତିପୂରଣ ଦେବା, ସମିତି ଦ୍ୱାରା ଗଠିତ ଚାଷୀ କମିଟିର ନାମ ତାଲିକା ପ୍ରକାଶ କରାଯିବାକୁ ଦାବି ହୋଇଛି। ୭ଦିନ ଭିତରେ କାର୍ଯ୍ୟାନୁଷ୍ଠାନ ନ ହେଲେ ସୂଚନା ଅଧିକାର କର୍ମୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଅବିନାଶ ମିଶ୍ର, ବାବିନା ଜେନା ଓ ସୁଦର୍ଶନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଶାଳୀ ସହ ଅନୈତିକ ସମ୍ପର୍କ: ଭିଣୋଇ ଗିରଫ

**କଣାସ, ୨୮।୭ (ସ୍ୱ.ପ୍ର)**

କଣାସ ଥାନା ଅଞ୍ଚଳର ଜଣେ ନାବାଳିକା(୧୫)ଙ୍କ ସହିତ ତାଙ୍କ ଭିଣୋଇ ଅନୈତିକ ସମ୍ପର୍କ ରଖିବା ମହଙ୍ଗା ପଡ଼ିଛି। ଅଭିଯୁକ୍ତ ଭିଣୋଇ ପ୍ରଶାନ୍ତ ପଟ୍ଟନାୟକ(୪୮)ଙ୍କୁ ବୁଧବାର ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ପ୍ରଶାନ୍ତ ଭୁବନେଶ୍ୱର ତମାଣ୍ଡୋ ଅଞ୍ଚଳର ବାସିନ୍ଦା ବୋଲି କଣାସ ଥାନା ଅଧିକାରୀ ତପନ ରାଉତ କହିଛନ୍ତି। ନାବାଳିକାଙ୍କ ପରିବାରବର୍ଗଙ୍କ ଅଭିଯୋଗକ୍ରମେ ପୋଲିସ କଣାସ ଥାନାରେ ୩୭୬, ୩୨୮, ୫୦୬ ଆଇପିସି, ୬ ପୋକ୍ସୋ ଆଇନରେ ଏକ କେସ୍ (ନଂ. ୧୭୦/୨୧) ରୁଜୁ କରିଛି। ମାଜିଷ୍ଟ୍ରେଟ୍‌ଙ୍କ ପାଖରେ ନାବାଳିକାଙ୍କ ବୟାନ ରେକର୍ଡ କରାଯାଇଛି।

## ଶାନ୍ତିଲତା ପ୍ରଧାନ ମହିଳା ବିଜେଡି ଜିଲା ସଭାନେତ୍ରୀ

**ପୁରୀ ଅଫିସ, ୨୮।୭**

ବିଜୁ ଜନତା ଦଳ ପକ୍ଷରୁ ପୁରୀ ଜିଲା ମହିଳା ବିଜେଡି ସଭାନେତ୍ରୀଙ୍କ ନାମ ଘୋଷଣା କରାଯାଇଛି। ପୁରୀ ପୌରସଂସ୍ଥାର ପୂର୍ବତନ ନଗରପାଳ ଶାନ୍ତିଲତା ପ୍ରଧାନଙ୍କୁ ନୂତନ ଜିଲା ସଭାନେତ୍ରୀ ଭାବେ ମନୋନୀତ କରାଯାଇଛି। ପ୍ରଧାନ ୨୦୧୩ରୁ ଏପର୍ଯ୍ୟନ୍ତ ପୁରୀ ଜିଲା ମହିଳା ବିଜେଡି ସଭାନେତ୍ରୀ ରହିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ଉପରେ ପୁନର୍ବାର ଭରସା ରଖି ତାଙ୍କୁ ସଭାନେତ୍ରୀ ଭାବରେ ମନୋନୀତ କରି ଥିବାରୁ ସେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ସେହିପରି ଜିଲା ସଭାପତି ମହେଶ୍ୱର ମହାନ୍ତିଙ୍କ ସମେତ ଜିଲାର ସମସ୍ତ ବିଧାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଶାନ୍ତିଲତା ୪୩ ଜଣିଆ କମିଟି ଗଠନ କରିଥିବାବେଳେ ୧୫ ଜଣଙ୍କୁ ନୂତନ ନିଯୁକ୍ତି ଦିଆଯାଇଛି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଅମ୍ଳାନ



@ ରଜତ୍



@ ଜିତେନ୍ଦ୍ର



@ ସୁଧୀର



@ ବାପୁ



@ ପୂର୍ଣ୍ଣଚନ୍ଦ୍ର

# ସାକ୍ଷୀଗୋପାଳ ମନ୍ଦିର, ବକୁଳବନର ବିକାଶ ହେବ

**ସାକ୍ଷୀଗୋପାଳ,୨୮।୭ (ଡି.ଏନ୍.ଏ.)**

ଐତିହ୍ୟ ପୀଠ ବିକାଶ ଯୋଜନାରେ ସାକ୍ଷୀଗୋପାଳ ମନ୍ଦିର ଓ ଐତିହାସିକ ବକୁଳବନର ଉନ୍ନୟନ କରାଯିବ। ବୁଧବାର ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ଓ ଜିଲାପାଳ ସମର୍ଥ ବର୍ମା ପରିଦର୍ଶନ କରି ଏହା କହିଛନ୍ତି। ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ସହ ଅତ୍ୟାବଶ୍ୟକ ସୁବିଧା ଯୋଗାଇଦେବା ଲକ୍ଷ୍ୟରେ ରାଧାକୁଣ୍ଡ, ଶ୍ୟାମକୁଣ୍ଡ ଓ ଚନ୍ଦନ ପୋଖରୀର ଉନ୍ନୟନ କାମ କରାଯିବ। ସେହିପରି ବନ ବିଦ୍ୟାଳୟର ବିଲୁପ୍ତ ସ୍ମୃତିକୁ ସଜଡ଼ାଯାଇ ପ୍ରଦର୍ଶନ କରାଯିବ। ୧୯ ଏକର ବିଶିଷ୍ଟ ଜଙ୍ଗଲ ମଧ୍ୟରେ ରହିଥିବା ପାଦଚଲା ରାସ୍ତା, ବିଶ୍ରାମ ପିଣ୍ଡି, ମୁକ୍ତ ପ୍ରେକ୍ଷାଳୟ, ଗ୍ୟାଲେରି, ଦୋକାନ ଗୃହର ମରାମତି କରିବା ସହ ଗାଲୁଆ ଜମିରେ ପୋଖରୀ ଖନନ, ନାଳର ଉନ୍ନୟନ କରାଯାଇ ସେଠାରେ ନୌକାବିହାର, ଆଲୋକୀକରଣ, ଚିଲ୍‌ଡ୍ରେନ୍ସ ପାର୍କ, ବଣଭୋଜି ସୁବିଧା, ଓପନଜିମ୍, କିମ୍ବଦନ୍ତୀକୁ ନେଇ ଅଡିଓ ଭିଜୁଆଲ ଇଣ୍ଟରପ୍ରିଟେଶନ ସେଣ୍ଟର ସୁବିଧା କରାଯିବ। ବକୁଳବନ ସାକ୍ଷୀଗୋପାଳ ମନ୍ଦିର ମାଲିକାନାରେ ରହିଥିବାରୁ ବିକଶିତ ପରେ ଏହାର ସୁରକ୍ଷା ଓ ସୁପରିଚାଳନା ନିମନ୍ତେ ଏକ କମିଟି ସ୍ଥାନୀୟ ଅଧିକାରୀ ଓ ଲୋକପ୍ରତିନିଧିଙ୍କୁ ନେଇ ଗଠନ କରାଯିବ। ପିପିପି ମୋଡ୍‌ରେ ରକ୍ଷଣାବେକ୍ଷଣ ନିମନ୍ତେ ସ୍ୱତନ୍ତ୍ର ବିଧି ବ୍ୟବସ୍ଥା ଓ ସୁରକ୍ଷା ଦିଗରେ ପ୍ରାଥମିକତା ରହିବ ବୋଲି ଜିଲାପାଳ କହିଛନ୍ତି। ଐତିହ୍ୟ ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ୭ କୋଟି ଟଙ୍କା ଅନୁଦାନ ପ୍ରଥମ ପର୍ଯ୍ୟାୟରେ ମଞ୍ଜୁର କରାଯାଇଛି ବୋଲି ବିଧାୟକ ସାମନ୍ତରାୟ କହିଛନ୍ତି। ଏହା ପୂର୍ଣ୍ଣାଙ୍ଗ ହେଲେ ସାକ୍ଷୀଗୋପାଳକୁ ପର୍ଯ୍ୟଟକଙ୍କ ଆଗମନ ବଢ଼ିବ। ଫଳରେ ମନ୍ଦିର ସେବାୟତ, ବ୍ୟବସାୟୀ ଓ ଯୁବପିଢ଼ି ଉପକୃତ ହେବେ। ଏହି ଗସ୍ତରେ ସତ୍ୟବାଦୀ ତହସିଲଦାର ମନୋଜ କୁମାର ନାୟକ, ବ୍ଲକ ଚେୟାରମ୍ୟାନ ସସ୍ମିତା ପ୍ରଧାନ, ଉପାଧ୍ୟକ୍ଷ ବିକ୍ରମ ଯେନା, ରାଜ୍ୟ ପର୍ଯ୍ୟଟନ ବିଭାଗ ଅଧିକାରୀ ଲକ୍ଷ୍ମୀ ନାରାୟଣ ସିଂହ, ସ୍ଥପତି ସ୍ୱାଗତ ଜେନା ଓ ପୁରୀ ପର୍ଯ୍ୟଟନ ଅଧିକାରୀ ସରୋଜ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।



ଅଧିକାରୀମାନଙ୍କ ସହ ଜିଲାପାଳ ସମର୍ଥ ବର୍ମା ଓ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ଆଲୋଚନା କରୁଛନ୍ତି।

## ରାସ୍ତା ଶୋଚନୀୟ, ପଡ଼ିଗଲେ ବିଡିଓ

**କଣାସ, ୨୮।୭ (ସ୍ୱ.ପ୍ର.)**

କଣାସ ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରୁ ପଣିଆପଡ଼ା ଦେଇ ନୂଆ ଜଗନ୍ନାଥ ସଡକକୁ ସଂଯୋଗ କରୁଥିବା ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମିତ ରାସ୍ତା ଅତି ଶୋଚନୀୟ ହୋଇପଡ଼ିଛି। ଅନେକ ସ୍ଥାନରେ ରାସ୍ତା ଦବିଯାଇ ପିଚୁ, ଗୋଡ଼ିମାଟି ଉପରକୁ ଉଠିଯାଇଥିବାରୁ ଦୁର୍ଘଟଣା ଘଟୁଛି। ବୁଧବାର ବିଡିଓ ଲୋଚନ ଦାସ ବାଇକ୍ ଯୋଗେ ପୁରୀ ଯାଉଥିବାବେଳେ ଉକ୍ତ ରାସ୍ତାରେ ପଡ଼ି ଆହତ ହୋଇଥିବା ଜଣାପଡ଼ିଛି। ଏ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ସରୋଜ ପଣ୍ଡା କହିଛନ୍ତି, ତୁରନ୍ତ ମେଶିନ ଓ ଅନ୍ୟ ସାମଗ୍ରୀ ହଟାଯାଇ ରାସ୍ତା କାମ କରାଯିବ ।

## ଶୃଙ୍ଖଳିତ ଜୀବନ ଧାରା ରୋକିବ ହେପାଟାଇଟସ୍

**ପୁରୀ ଅଫିସ, ୨୮।୭**

ଆୟୁର୍ବେଦ ମହାବିଦ୍ୟାଳୟ ଏବଂ ମିଶନ ଓଡ଼ିଶା ମିଳିତ ଆନୁକୂଲ୍ୟରେ ବୁଧବାର ବିଶ୍ୱ ହେପାଟାଇଟସ୍ ଦିବସ ପୁରୀ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଡାକ୍ତର ଦେବପ୍ରସାଦ ଦାସଙ୍କ ସଞ୍ଚାଳନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ବୈଜ୍ଞାନିକ ବିଜୟ କୁମାର ଦାଶ ଯୋଗଦେଇ ଶୃଙ୍ଖଳିତ ଜୀବନ ଧାରା, ନିୟନ୍ତ୍ରିତ ଖାଦ୍ୟ ଧାରା ଓ ସୁନିଦ୍ରା ହିଁ ସମାଜରୁ ହେପାଟାଇଟସ୍ ହଟାଇପାରିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସମ୍ ହସପିଟାଲର ନିର୍ଦ୍ଦେଶକ ବସନ୍ତ କୁମାର ପତି, ଶ୍ରୀଜଗନ୍ନାଥ ମେଡିକାଲ କଲେଜ ପ୍ରଫେସର ଅର୍ପିତା ପ୍ରିୟଦର୍ଶିନୀ, ମହାବିଦ୍ୟାଳୟର ଅଧ୍ୟକ୍ଷ ଡାକ୍ତର ସୁଦର୍ଶନ ବେହେରା, ଡାକ୍ତର ନାରାୟଣ ଚନ୍ଦ୍ର ଦାସ, ମିଶନ ଓଡ଼ିଶାର ଉପଦେଷ୍ଟା ବଦ୍ରି ମିଶ୍ର, ମାନସ ସାହୁ, ଚକ୍ରଧର ମହାପାତ୍ର ଯୋଗଦେଇ ପ୍ରମୁଖ ଭୂତାଣୁ ଓ ରୋଗ ପ୍ରତିରୋଧକ ଶକ୍ତି ସମ୍ପର୍କରେ ବୁଝାଇଥିଲେ। ୨୦୩୦ ସୁଦ୍ଧା ହେପାଟାଇଟସ୍ ମୁକ୍ତ ବିଶ୍ୱ ଗଠନର ଆହ୍ୱାନ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ଅନେକ ଡାକ୍ତର ଯୋଗଦେଇ ଆୟୁର୍ବେଦ ଚିକିତ୍ସାରେ ହେପାଟାଇଟସ୍ ନିରାକରଣ ଉପରେ ମତବ୍ୟକ୍ତ କରିଥିଲେ। ମିଶନ ଓଡ଼ିଶାର ସମ୍ପାଦକ ମଧୁସୂଦନ ମିଶ୍ର ଓ ସାମାଜିକ କର୍ମୀ ଜୟନ୍ତୀ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଥାନାରୁ ଚମ୍ପଟ ଅଭିଯୁକ୍ତ ଧରାପଡ଼ି ଜେଲଗଲେ

ନିରାକାରପୁର,୨୮।୭(ଡି.ଏନ୍.ଏ): ଖୋର୍ଦ୍ଧା ଜିଲା ନିରାକାରପୁର ଥାନାରୁ ପୋଲିସକୁ ଚକ୍‌ମା ଦେଇ ଲେଙ୍ଗୋ ପଞ୍ଚାୟତ ଯାଜପୁର ଗ୍ରାମର ଅଭିଯୁକ୍ତ ପ୍ରଭାତ ପାଇକଶାଣୀ ମଙ୍ଗଳବାର ସନ୍ଧ୍ୟାରେ ଫେରାର ହୋଇ ଯାଇଥିଲେ। ତାଙ୍କୁ ଧରିବା ପାଇଁ ଖୋର୍ଦ୍ଧା ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଦୁଇଟି ପୋଲିସ ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢାଉ ଚାଲିଥିଲା। ତାଙ୍କ ମୋବାଇଲ ଫୋନ୍ ଟ୍ରାକିଂ କରି ବୁଧବାର ପୁରୀ ଜିଲା ଗଡ଼ିଶାଗୋଦା ଥାନା ଅନ୍ତର୍ଗତ ଗଡ଼ଖାରଦ ଅଞ୍ଚଳରୁ ପ୍ରଭାତଙ୍କୁ ପୋଲିସ ଗିରଫ କରିଛି। ଏଥିସହ ତାଙ୍କ ସହଯୋଗୀ ରାମେଶ୍ୱର ପଞ୍ଚାୟତ ଚନ୍ଦନପୁର ଗ୍ରାମର ଦିଲୀପ ପରିଡ଼ାଙ୍କୁ ଗିରଫ କରାଯାଇଛି। ବୁଧବାର ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଥାଉକି, ୨୦୧୩ ମସିହାରେ ଏକ ଚୋରି ମାମଲା (ନଂ. ୮୭/୧୩)ରେ ସମ୍ପୃକ୍ତ ଥିବା ପ୍ରଭାତ ଓ ଦିଲୀପ ଦୀର୍ଘଦିନ ଧରି ଫେରାର ଥିଲେ। ମଙ୍ଗଳବାର ଅଭିଯୁକ୍ତ ଦ୍ୱୟଙ୍କୁ ପୋଲିସ ଗିରଫ କରି ଥାନାକୁ ଆଣିଥିଲା। ଥାନାରୁ ପ୍ରଭାତ ଖସିଯାଇଥିଲେ। ଏହି ଥାନାରୁ ଅଭିଯୁକ୍ତ ଚମ୍ପଟ ମାରିବା ଏହା ଦ୍ୱିତୀୟ ଘଟଣା।

### ସରକାରୀ କର୍ମଚାରୀଙ୍କ ମହଙ୍ଗାଭତ୍ତା ବୃଦ୍ଧି ଦାବି

ଖୋର୍ଦ୍ଧା ଅଫିସ,୨୮।୭: କରୋନା ମହାମାରୀ ସମୟରେ ତୈଳଦର ସହ ଅତ୍ୟାବଶ୍ୟକ ସାମଗ୍ରୀ ବୃଦ୍ଧି ପାଇଛି। ଫଳରେ ପରିବାର ଚଳାଇବା କଷ୍ଟକର ହୋଇପଡିଛି। ନିକଟରେ କେନ୍ଦ୍ର ସରକାର କେନ୍ଦ୍ରୀୟ କର୍ମଚାରୀଙ୍କ ପାଇଁ ୧୧% ମହଙ୍ଗା ଭତ୍ତା ଘୋଷଣା କରିଛନ୍ତି। ରାଜ୍ୟ ସରକାର ମଧ କରୋନା ମହାମାରୀ, ଦରଦାମ ବୃଦ୍ଧିକୁ ଦୃଷ୍ଟିରେ ରଖି କର୍ମଚାରୀଙ୍କ ଭତ୍ତା ବୃଦ୍ଧି ପାଇଁ ନିଖିଳ ଉତ୍କଳ ୪ର୍ଥ ଶ୍ରେଣୀ କର୍ମଚାରୀ ସଂଘ, ଖୋର୍ଦ୍ଧା ଜିଲା ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି। ଦରଦାମ ବୃଦ୍ଧି ଯୋଗୁ ୨ବର୍ଷ ହେବ କର୍ମଚାରୀମାନେ ହଇରାଣ ହେଉଛନ୍ତି। ସରକାର ଏଥିପ୍ରତି ଗୁରୁତ୍ୱ ଦେବାକୁ ଦାବି ହୋଇଛି।

### ୩୫ ୟୁନିଟ୍ ରକ୍ତ ସଂଗ୍ରହ

ଜଟଣୀ,୨୮।୭(ଡି.ଏନ୍.ଏ.): ଜଟଣୀର ଶ୍ରୀବତ୍ସ ପାଠାଗାର ପରିସରରେ ଜଟଣୀ ସୁରକ୍ଷା ମଞ୍ଚ ଏବଂ ଉଦ୍‌ଭବ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଭୁବନେଶ୍ୱର ଏସିପି ଲଳିତେନ୍ଦୁ ମହାନ୍ତି ଏବଂ ମନ୍ମଥ ରାଉତରାୟ ଉଦ୍‌ଘାଟନ କରିଥିଲେ। ଶିବିରରେ ମୋଟ ୩୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ସଂଗ୍ରାମ କେଶରୀ ରାଉତରାୟ, ଦିଲୀପ ମହାନ୍ତି, ତପନ ମହାପାତ୍ର, ରାଧାରଞ୍ଜନ ଶତପଥୀ, ନରେନ୍ଦ୍ର ମୁଦୁଲି, କଳିଙ୍ଗ ସାହୁ, ପ୍ରତିକ ଶ୍ରୀଚନ୍ଦନ, ସଞ୍ଜୀବ କୁମାର ପ୍ରମୁଖ ଶିବିରରେ ଉପସ୍ଥିତ ଥିଲେ।

### ଆଇନଜୀବୀ ଲକ୍ଷ୍ମଣଙ୍କ ବିୟୋଗରେ ସ୍ମୃତିସଭା

ଜଟଣୀ,୨୮।୭(ଡି.ଏନ୍.ଏ.): ବରିଷ୍ଠ ଆଇନଜୀବୀ ଲକ୍ଷ୍ମଣ ଶତପଥୀଙ୍କ ବିୟୋଗରେ ବୁଧବାର ଜଟଣୀ ବାର ଆସୋସିଏଶନ ଏବଂ ଜଟଣୀ ଲୟର୍ସ ଆସୋସିଏଶନ ପକ୍ଷରୁ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଜଟଣୀ କୋର୍ଟ ପରିସରରେ ନ୍ୟାୟଧୀଶ ଧ୍ରୁବି ଶୋଲାଙ୍କିଙ୍କ ଉପସ୍ଥିତିରେ ନୀରବ ପ୍ରାର୍ଥନା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସେହିପରି ଜଟଣୀ ଲୟର୍ସ ଆସୋସିଏଶନ ପକ୍ଷରୁ ସଂଘ ରାମଚନ୍ଦ୍ରପୁରସ୍ଥ ସଂଘ କାର୍ଯ୍ୟାଳୟ ପରିସରରେ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା।

# ଚାକିରି, ଋଣ ଦେବା ଆଳରେ ୭.୧୩ ଲକ୍ଷ ଠକେଇ

## ଖୋର୍ଦ୍ଧାରୁ ବାଲେଶ୍ୱରର ଅଭିଯୁକ୍ତ ଗିରଫ

ଖୋର୍ଦ୍ଧା ଅଫିସ,୨୮।୭

ନିଜକୁ ଆର୍‌ବିଏଲ ବ୍ୟାଙ୍କ ଓଡ଼ିଶା ମୁଖ୍ୟ ପରିଚୟ ଦେଇ ଋଣ ଓ ଚାକିରି କରାଇଦେବାକୁ କହି ଏକାଧିକ ବ୍ୟକ୍ତିଙ୍କଠାରୁ ୭ଲକ୍ଷ ୧୩ ହଜାର ଟଙ୍କା ଠକି ନେଇଥିବା ଅଭିଯୋଗରେ ଖୋର୍ଦ୍ଧା ଆଦର୍ଶ ଟାଉନ ଥାନା ପୋଲିସ ବୁଧବାର ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବାଲେଶ୍ୱର ସଦର ଥାନା ଶଙ୍କରପୁର ଗ୍ରାମର ଅନିଲ କୁମାର ମହାନ୍ତି (୩୩)। ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରାଯିବ।

ପୋଲିସ ସୂଚନା ମୁତାବକ, ଅନିଲ ନିଜକୁ ଆରବିଏଲ ବ୍ୟାଙ୍କ ଓଡ଼ିଶା ଶାଖାର ମୁଖ୍ୟ ବୋଲି ପରିଚୟ ଦେଇ ବ୍ୟାଙ୍କରେ ଚାକିରି ଓ ଋଣ ଦେବା ଆଳରେ ଖୋର୍ଦ୍ଧା ଅଞ୍ଚଳର ବାଉରୀବନ୍ଧୁ ସାହୁଙ୍କଠାରୁ ୪୯,୧୦୦, ବେଣୁଧର ପାଣିଙ୍କଠାରୁ ୯୫ହଜାର, ଗୋବିନ୍ଦ ଚନ୍ଦ୍ର ସାହୁଙ୍କଠାରୁ ୨୫ହଜାର, ରମାକାନ୍ତ ସାହୁଙ୍କଠାରୁ ୩ଲକ୍ଷ, ଶଙ୍କର୍ଷଣ ବିହାରୀଙ୍କ ଠାରୁ ୨ଲକ୍ଷ ୨୦ ହଜାର, ଦେବାଶିଷ ମହାପାତ୍ର ଓ ରମେଶ ଚନ୍ଦ୍ର ପଲାଇଙ୍କ ଠାରୁ ୧୨ହଜାର ଟଙ୍କା ଲେଖାଏ ଠକି ନେଇଥିଲେ। ଠକେଇର ଶିକାର ହୋଇଥିବା ବାଉରୀବନ୍ଧୁ ଓ ଅନ୍ୟମାନେ ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଦଫା ୪୨୦, ୪୧୭ରେ ଏକ କେସ୍ (ନଂ. ୨୯୧/୨୧) ରୁଜୁକରିତଦନ୍ତ ଚଳାଇଥିଲା। ଘଟଣା ପରଠାରୁ ଅନିଲ ଫେରାର ଥିଲେ। ବୁଧବାର ଖୋର୍ଦ୍ଧା ନୂଆ ବସ୍‌ଷ୍ଟାଣ୍ଡ ନିକଟରେ ସେ ବୁଲୁଥିବା ପୋଲିସ ଖବର ପାଇ ତାଙ୍କୁ ଗିରଫ କରିଛି ବୋଲି ଥାନାଧିକାରୀ ସଞ୍ଜୟ ପଟ୍ଟନାୟକ କହିଛନ୍ତି। ସେ ନୟାଗଡ଼, ବାଲିଅନ୍ତା ଓ ସାଲେପୁର ଅଞ୍ଚଳରେ ଶାଖା ଖୋଲି ବହୁ ଲୋକଙ୍କଠାରୁ ଲକ୍ଷାଧିକ ଟଙ୍କା ଠକି ନେଇଥିବା ତଦନ୍ତରୁ ଜଣାପଡ଼ିଥିଲା। ଶରଣକୁଳ ଥାନାରେ ତାଙ୍କ ନାମରେ ଦଫା ୪୧୭, ୪୨୦, ୩୪ ଆଇପିସି, ଏସ୍ ୧୩୮ ଏନ୍‌ଆଇ ଆକ୍ଟରେ ଏକ କେସ୍ (ନଂ. ୩୮/୨୧) ରୁଜୁ ହୋଇଛି।

### ସଙ୍ଗିନ ଅଭିଯୋଗ ଆଣିଲେ ସ୍ତ୍ରୀ

ଅନିଲଙ୍କ ବିରୋଧରେ ତାଙ୍କ ସ୍ତ୍ରୀ ସୋନାଲି ପଟ୍ଟନାୟକ ସଙ୍ଗିନ ଅଭିଯୋଗ ଆଣିଛନ୍ତି। ଖୋର୍ଦ୍ଧା ପଲ୍ଲା କଷ୍ଟାଛକ ଅଞ୍ଚଳର ସୋନାଲି କହିଛନ୍ତି, ଅନିଲ ନିଜକୁ ଆର୍‌ବିଏଲ ବ୍ୟାଙ୍କ ଜୋନାଲ ମୁଖ୍ୟ ପରିଚୟ ଦେଇ ତାଙ୍କୁ ବିବାହ କରିଥିଲେ। ବିବାହ ପରେ ଅଧିକ ଯୌତୁକ ଦାବିକରି ମାନସିକ ଓ ଶାରିରୀକ ନିର୍ଯାତନା, ହତ୍ୟା ଧମକ ଦେଉଥିଲେ। ଏନେଇ ସୋନାଲି ବୁଧବାର ଖୋର୍ଦ୍ଧା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ କେସ(ନଂ. ୨୯୨/୨୧) ରୁଜୁକରିଛି।

ଅଭିଯୋଗରେ ଦର୍ଶାଯାଇଛି, ୨୦୨୦ ମାର୍ଚ୍ଚ ୧୧ରେ ଅନିଲଙ୍କ ସହିତ ସୋନାଲିଙ୍କର ବିବାହ ହୋଇଥିଲା। ବିବାହ ବେଳେ ଦାବି ମୁତାବକ ୩ଲକ୍ଷ ଟଙ୍କା ସହ ଆସବାବପତ୍ର ଦିଆଯାଇଥିଲା। ବିବାହର ଦୁଇ ମାସ ପରେ ଅଧିକ ୨ଲକ୍ଷ ଟଙ୍କା ଆଣିବାକୁ ସୋନାଲିଙ୍କୁ କହିଥିଲେ। ସେ ଏଥିରେ ଅରାଜି ହେବାରୁ ନିର୍ଯାତନା ଦେଉଥିଲେ। ଏହି ସମୟରେ କେତେଜଣ ଲୋକ ତାଙ୍କ ଘରକୁ ଟଙ୍କା ପାଇଁ ଆସିଥିଲେ। ଏନେଇ ସୋନାଲି ଜାଣିବାରୁ ଅନିଲ ତାଙ୍କୁ ଆଣି ଖୋର୍ଦ୍ଧା ଗୁରୁଜଙ୍ଗ ଚାଲିଆସିଲେ। ସେଠାରେ ଭଡ଼ାଘରେ ବି ନିର୍ଯାତନା ଦେବାରୁ ସୋନାଲିଙ୍କ ବାପା ଆଉ ୨ଲକ୍ଷ ଟଙ୍କା ଦେଇଥିଲେ। ପରେ ଅସୁବିଧା ଦର୍ଶାଇ ପୁଣି ୨ଲକ୍ଷ ଟଙ୍କା ଆଣିବାକୁ କହିଥିଲେ। ଭଡ଼ାଘରକୁ ମଧ କେତେକ ଲୋକ ଆସି ଟଙ୍କା ପାଇଁ ପାଟିତୁଣ୍ଡ କରିଥିଲେ। ପରେ ସେ ଜାଣିବାକୁ ପାଇଥିଲେ, ଅନିଲ ମିଛ କହି ଲୋକଙ୍କୁ ଠକୁଛନ୍ତି। ଅନିଲ ସେଠାରୁ ଚାଲି ଆସି ମହିଳା ମହାବିଦ୍ୟାଳୟ ନିକଟରେ ଘରଭଡ଼ା ନେଲେ। ସେଠାକୁ ଲୋକେ ଟଙ୍କା ପାଇଁ ଆସିବାରୁ ସୋନାଲିଙ୍କୁ ବାଲେଶ୍ୱର ନେଇଯାଇଥିଲେ। ପରେ ଗାଁରେ ମଧ ଲୋକଙ୍କୁ ଟଙ୍କା ଠକି ଥିବାରୁ ସୋନାଲିଙ୍କୁ ବାପଘରେ ଛାଡ଼ିଦେଇଥିଲେ। ସୋମବାର ରାତିରେ ତାଙ୍କୁ ମାରପିଟ୍ କରିଥିବା ସୋନାଲି ଅଭିଯୋଗ କରିଛନ୍ତି।

## ଠକାମିର ଶିକାର ମହିଳା ଥାନାର ଦ୍ୱାରସ୍ଥ



କଟକ ସାଲେପୁର ଅଞ୍ଚଳରେ ମହିଳାଙ୍କୁ ସିଲେଇ ତାଲିମ ଓ ମେଶିନ ଯୋଗାଇବା ନାମରେ ୨୫ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କଠାରୁ ଅନିଲ ମହାନ୍ତି ଲକ୍ଷାଧିକ ଟଙ୍କା ଠକି ନେଇଛନ୍ତି। ବୁଧବାର ଉକ୍ତ ଅଞ୍ଚଳର ବହୁ ମହିଳା ଟାଉନ ଥାନାକୁ ଆସି ଏହି ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ମହିଳାମାନେ ପୋଲିସ ପାଖରେ ଏ ସଂକ୍ରାନ୍ତ କାଗଜପତ୍ର ଦାଖଲ କରିଛନ୍ତି।

ଅଭିଯୋଗକାରୀଙ୍କଠାରୁ ମିଳିଥିବା ତଥ୍ୟ ଅନୁଯାୟୀ, ଗତ ୨୦୧୭ରେ ଅନିଲ ସାଲେପୁରରେ ଏକାଡେମୀ ଅଫ ସଂସ୍କୃତି ଏଜୁକେଶନ ନାମରେ ଏକ ସଂସ୍ଥା ଖୋଲିଥିଲେ। ଏହା ଜରିଆରେ ମହିଳାଙ୍କୁ ୧୨ସପ୍ତାହ ସିଲେଇ ପ୍ରଶିକ୍ଷଣ ପରେ ମେଶିନ ଯୋଗାଇଦେବାକୁ ସାଲେପୁର, ନିଶ୍ଚିନ୍ତକୋଇଲି, ମାର୍ଶାଘାଇ, ହିନ୍ଦୋଳ ପ୍ରଭୃତି ଅଞ୍ଚଳର ୨୫ଟି ଏସ୍‌ଏଚ୍‌ଜି ସହ ଚୁକ୍ତି କରିଥିଲେ। ପ୍ରାୟ ୫ହଜାର ଯୁବତୀ, ମହିଳାଙ୍କ ବାବଦକୁ ଲକ୍ଷାଧିକ ଟଙ୍କା ଧରି ରାତାରାତି ଚମ୍ପଟ ମାରିଥିଲେ। ଏନେଇ ଗତ ୨୦୧୮ ସେପ୍ଟେମ୍ବର ୧୨ରେ ସମ୍ପୃକ୍ତ ମହିଳାମାନେ ସାଲେପୁର ଥାନାରେ ଏତଲା ଦେଇଥିଲେ। ଫଳରେ ସେ ଫେରାର ହୋଇଯାଇଥିଲେ। ବୁଧବାର କୌଣସି ସୂତ୍ରରୁ ଖବର ପାଇ ମାର୍ଶାଘାଇର କଳ୍ପନା ଦ୍ୱିବେଦୀ, ଜ୍ୟୋତିର୍ମୟୀ ନାୟକ, ପ୍ରତାପ କୁମାର ସିଂ, ନିଶ୍ଚିନ୍ତ କୋଇଲିର ପ୍ରତିମା ନାୟକ, ସାଲେପୁରର ଶିବପ୍ରସାଦ ସ୍ୱାଇଁ ପ୍ରମୁଖ ଥାନାରେ ପହଞ୍ଚି ଅନିଲଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ଏନେଇ ଥାନାଧିକାରୀ ସଞ୍ଜୟ ପଟ୍ଟନାୟକ କହିଛନ୍ତି, ଏହି ଘଟଣା ସାଲେପୁର ଅଞ୍ଚଳରେ ଘଟିଥିବାରୁ ସେହି ଥାନାରେ ଅଭିଯୋଗ କରିବାକୁ ସେମାନଙ୍କୁ ପରାମର୍ଶ ଦିଆଯାଇଛି।

## ମୋରମ ଖନନକୁ ଗ୍ରାମବାସୀଙ୍କ ବିରୋଧ

ଜଟଣୀ,୨୮।୭(ଡି.ଏନ୍.ଏ.)

ଜଟଣୀ ତହସିଲ ଅଧୀନ ଗୋପୀନାଥପୁର ଅଞ୍ଚଳରେ ପ୍ରଶାସନର ବିନା ଅନୁମତିରେ ମୋରମ ଖୋଳାକୁ ନେଇ ବୁଧବାର ଗ୍ରାମବାସୀ ବିରୋଧ କରିଛନ୍ତି। ମୋରମ ଚାଲାଣ ନିମନ୍ତେ ପ୍ରତିଦିନ ହାଇୱା ଯାତାୟାତ କରିବାରୁ ରାସ୍ତା ଖରାପ ହେବା ସହ ଅନେକ ସମୟରେ ଦୁର୍ଘଟଣା ଘଟୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ସୂଚନା ମୁତାବକ, ରାଜରାସ୍ତା ନିର୍ମାଣ ନିମନ୍ତେ ଠିକା ସଂସ୍ଥା ଏଆଇପିଏଲ୍‌କୁ ଗୋପୀନାଥପୁର ଗ୍ରାମ ଟାଙ୍ଗୀରୁ ମୋରମ ଉତ୍ତୋଳନ ନିମନ୍ତେ ଜଟଣୀ ତହସିଲ ପ୍ରଶାସନ ପକ୍ଷରୁ ଅନୁମତି ପ୍ରଦାନ କରାଯାଇଥିଲା। ଏହାର ଅବଧି ଗତ ୧୨ ତାରିଖରେ ଶେଷ ହୋଇଛି। ପୁନଃ ମୋରମ ଉତ୍ତୋଳନ ନିମନ୍ତେ ଉକ୍ତ ଠିକା ସଂସ୍ଥା ଅବଧି ସରିବା ପୂର୍ବରୁ ତହସିଲରେ ଆବେଦନ କରିଥିଲେ। ତହସିଲ ପ୍ରଶାସନ ପକ୍ଷରୁ ଆବେଦନକୁ ଗ୍ରହଣ କରାଯାଇନଥିବା ବେଳେ ବେଆଇନ ଭାବେ ଉକ୍ତ ସଂସ୍ଥା ଅନୁମତିଠାରୁ ଅଧିକ ମୋରମ ନେଉଥିଲେ। ପ୍ରତିଦିନ ମୋରମ ଚାଲାଣ ହେଉଥିବାରୁ ଗୋରସୁଆଁ, ଗୋପୀନାଥପୁର ଏବଂ ଖଣ୍ଡପୁର ଅଞ୍ଚଳର ଲୋକେ ଯାତାୟାତରେ ହଇରାଣ ହେଉଛନ୍ତି। ବୁଧବାର ଗ୍ରାମବାସୀ ସମସ୍ତ ହାଇୱାକୁ ଅଟକାଇ ରାସ୍ତା ଅବରୋଧ କରି କାମ ବନ୍ଦ କରିବା ପାଇଁ ଅଡ଼ି ବସିଥିଲେ। ତହସିଲଦାର ତପନ ମହାପାତ୍ର ଓ ପୋଲିସ ପହଞ୍ଚି ଖଣି ଖନନକୁ ବନ୍ଦ କରିଥିଲେ। ଉକ୍ତ ସଂସ୍ଥା ଅନୁମତିଠାରୁ ଅଧିକ ଖନନ କରି ମୋରମ ଉଠାଇଥିବାରୁ ଜରିମାନା ଆଦାୟ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

# ପରେଡରେ କେବଳ ପୋଲିସ ବାହିନୀ



ବୈଠକରେ ଅତିରିକ୍ତ ଜିଲାପାଳ ମନୋଜ ପାଢ଼ୀ ଏବଂ ଅନ୍ୟ ଅଧିକାରୀ।

ଖୋର୍ଦ୍ଧା ଅଫିସ,୨୮।୭

**ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ବୈଠକ**

ଖୋର୍ଦ୍ଧା ଜିଲା ସଦର ମହକୁମାରେ ଜିଲା ସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଜିଲା ଗ୍ରାମ୍ୟ ଉନ୍ନୟନ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ମନୋଜ ପାଢୀ ଅଧ୍ୟକ୍ଷତା କରିଥିଲେ। ସକାଳ ୯ଟା ୧୫ରେ ବିଜେବି ହାଇସ୍କୁଲ ଖେଳପଡିଆରେ ପତାକା ଉତ୍ତୋଳନ କରାଯିବ। ପ୍ରାତଃ ସମୟରେ ପୌର ପ୍ରଶାସନ ଡାକବାଜି ଯନ୍ତ୍ର ଯୋଗେ ରାମଧୁନ ପ୍ରଚାର କରିବେ। ସକାଳ ୭ଟାରେ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରାଯିବ। ସମସ୍ତ ଶିକ୍ଷାନୁଷ୍ଠାନ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ୭ଟା ୩୦ସୁଦ୍ଧା ଜାତୀୟ ପତାକା ଉତ୍ତୋଳନ କରାଯିବ। ସ୍ୱାଧୀନତା ଦିବସ ପରେଡରେ କେବଳ ପୋଲିସ ବାହିନୀ ଯୋଗଦେବେ। ପୂର୍ତ୍ତ ବିଭାଗ ନିର୍ବାହୀଯନ୍ତ୍ରୀ ପରେଡ ପଡିଆ ସମତୁଲ, ବ୍ୟାରିକେଡ, ନିମନ୍ତ୍ରିତ ଅତିଥି ବସିବା ଲାଗି ଟେଣ୍ଟ ନିର୍ମାଣ ଆଦି ଆନୁସଙ୍ଗିକ ବ୍ୟବସ୍ଥା କରିବେ। ପରେଡ ପୂର୍ବଭ୍ୟାସ ଏବଂ ଆଇନଶୃଙ୍ଖଳା ପ୍ରତି ଜିଲା ଆରକ୍ଷୀ ଅଧୀକ୍ଷକ ଦୃଷ୍ଟିଦେବେ। ସ୍ୱାଧୀନତା ଦିବସ ଉପଲକ୍ଷେ ଖୋର୍ଦ୍ଧା ସହରର ମୁଖ୍ୟ ସ୍ଥାନରେ ସ୍ୱାଗତ ତୋରଣ ଲଗାଯିବ। ସରକାରୀ କାର୍ଯ୍ୟାଳୟକୁ ଆଲୋକମାଳାରେ ସଜ୍ଜିତ କରାଯିବ। କୋଭିଡ କଟକଣା ମଧରେ ସମସ୍ତ କାର୍ଯ୍ୟ କରାଯିବ। ବୈଠକରେ ଅନ୍ୟମାନଙ୍କ ମଧରେ ପିଡି ଡିଆରଡିଏ ଦିଗନ୍ତ ରାଉତରାୟ, ସଦର ଏସ୍‌ଡିପିଓ ସୁଶିଲ ମିଶ୍ର, ଆଦର୍ଶ ଥାନାଧିକାରୀ ସଞ୍ଜୟ ପଟ୍ଟନାୟକ, ବିଡିଓ ରୁମାନା ଜାଫ୍ରି, ଜିଲା କ୍ରୀଡ଼ାଧିକାରୀ ଲଳିତେନ୍ଦୁ ମହାନ୍ତି, ଓକିଲ ସଂଘ ସଭାପତି ଅଜିତ୍ ପଟ୍ଟନାୟକ, ଶିକ୍ଷାବିତ ଗୋପାଳ କୃଷ୍ଣ ଦାସ, ଭୀମସେନ ପ୍ରଧାନ, ବିଧାୟକ ପ୍ରତିନିଧିଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅଧିକାରୀ ମାନସ ରଞ୍ଜନ ବିଶ୍ୱାଳ ବୈଠକ ପରିଚାଳନା କରିଥିଲେ।

## ମଦ, ସ୍କୁଟି ଜବତ: ଅଭିଯୁକ୍ତ ଗିରଫ

ଖୋର୍ଦ୍ଧା ଅଫିସ,୨୮।୭

କରୋନା ପାଇଁ ଜିଲାରେ ଆଂଶିକ ଲକଡାଉନ ଏବଂ ନାଇଟ କର୍ଫ୍ୟୁ ଜାରି ରହିଛି। ଏହି ସମୟରେ ଚୋରା ମଦ କାରବାର ବୃଦ୍ଧି ପାଇଛି। ବୁଧବାର ସନ୍ଧ୍ୟାରେ ପୋଲିସ ପାଟ୍ରୋଲିଂ ଟିମ ୨୪ଲିଟର ମଦ ଓ ସ୍କୁଟି ଜବତ କରିବା ସହ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ମୁକୁନ୍ଦପ୍ରସାଦର ଟିମା ଓରଫ ମୁକେଶ ସେଠୀ(୨୫)। ଏନେଇ ଥାନାରେ ଏକ ମାମଲା (ନଂ.୨୯୩/୨୧) ରୁଜୁ ହୋଇଛି। ସୂଚନା ମୁତାବକ, ଟିମା ବୁଧବାର ସ୍କୁଟି(ଓଡି୦୨ବିଊ୧୦୩)ରେ ଆସ୍କା ୪୦ ଏକ ମଦ ପେଟି ନେଇ ମୁକୁନ୍ଦପ୍ରସାଦ ଅଭିମୁଖେ ଆସୁଥିଲେ। ଏହି ସମୟରେ ପାଟ୍ରୋଲିଂ କରୁଥିବା ଶିଳ୍ପାଞ୍ଚଳ ଫାଣ୍ଡି ଅଧିକାରୀ ଦିଗବିଜୟ ବିଶ୍ୱାଳ ଛକରେ ତାଙ୍କୁ ଅଟକାଇଥିଲେ। ପୋଲିସକୁ ଦେଖି ସେ ସ୍କୁଟି ଛାଡି ଦୌଡିବା ବେଳେ ପୋଲିସ ତାଙ୍କୁ ଗୋଡାଇ ଧରିଥିଲା।

## ୫୩ ପଜିଟିଭ, ୫୦ ସୁସ୍ଥ

ଖୋର୍ଦ୍ଧା ଅଫିସ,୨୮।୭

ଖୋର୍ଦ୍ଧା ଗ୍ରାମାଞ୍ଚଳରେ କରୋନା ସଂକ୍ରମଣ ସ୍ଥିତି ନିୟନ୍ତ୍ରଣରେ ରହିଛି। ଅନ୍ୟପଟେ ଦ୍ୱିତୀୟ ଲହରରେ କୋଭିଡ ମୃତ୍ୟୁସଂଖ୍ୟା ବଢିବାରେ ଲାଗିଛି। ବୁଧବାର ୫୩ଜଣ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ୫୦ଜଣସୁସ୍ଥ ହୋଇଛନ୍ତି। ଜିଲା ପ୍ରଶାସନର ରିପୋର୍ଟ ଅନୁସାରେ ମୋଟ୍ ୨୮,୨୮୮ଜଣପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରୁ ୨୭,୬୮୦ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ୨୬୩ଜଣଙ୍କ ମୃତ୍ୟୁ ଘଟିଛି। ୩୪୫ଜଣ ସକ୍ରିୟ ସଂକ୍ରମିତ ରହିଛନ୍ତି।

# ଅପରାଧ ରୋକାଯିବା ଉପରେ ଗୁରୁତ୍ୱ

କଟକ ଅଫିସ, ୨୮।୭

**ଡିଜିପିଙ୍କ ସମୀକ୍ଷା ବୈଠକ**

କଟକସ୍ଥିତ ପୋଲିସ ମୁଖ୍ୟାଳୟରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ଡିଜିପି ଅଭୟ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ବୁଧବାର ଏକ ସମୀକ୍ଷା ବୈଠକ କରିଛନ୍ତି। ଏଥିରେ ଅପରାଧ ରୋକିବା ଉପରେ ଗୁରୁତ୍ୱ ଦେବା ପାଇଁ ସମସ୍ତ ଆରକ୍ଷୀ ଅଧୀକ୍ଷକ, କଟକ ଓ ରାଉରକେଲାର ରେଲୱେ ଆରକ୍ଷୀ ଅଧୀକ୍ଷକ, ଭୁବନେଶ୍ୱର ଓ କଟକ ଡିସିପିଙ୍କ ସମେତ ସମସ୍ତ ଆଇଜି ଓ ଡିଆଇଜିଙ୍କ ସହ ଆଲୋଚନା କରିଥିଲେ। ଏଥିସହ କୋଭିଡ୍ ଏନ୍‌ଫୋର୍ସମେଣ୍ଟ, ନିଶା କାରବାର, ପାସ୍‌ପୋର୍ଟ ଯାଞ୍ଚ, ଇ-ଅଭିଯୋଗ ଉପରେ ସମୀକ୍ଷା କରାଯାଇଥିଲା। ସେହିପରି ୧୧୨ର କାର୍ଯ୍ୟକାରିତା ସମ୍ପର୍କରେ ଡିଜିପି ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଶେଷରେ ବିଭାଗୀୟ କର୍ମଚାରୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ଧ୍ୟାନ ଦେବାକୁ ଡିଜିପି ବରିଷ୍ଠ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ପୋଲିସ କମିଶନର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ, ଏସ୍‌ସିଆରବି ନିର୍ଦ୍ଦେଶକ, ଗୋଇନ୍ଦା ବିଭାଗ ନିର୍ଦ୍ଦେଶକ, କ୍ରାଇମବ୍ରାଞ୍ଚ ଏଡିଜି, ଆଇଜି (ହେଡ୍‌କ୍ୱାର୍ଟର), ଆଇଜି(ଆଇନଶୃଙ୍ଖଳା), ଆଇଜି (ପ୍ରୋଭିଜନିଂ), ଆଇଜି (କାର୍ମିକ) ପ୍ରମୁଖ ଉପସ୍ଥିତ ଥିଲେ।



ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ ଉପଲକ୍ଷେ ପୁରୀର ସୂର୍ଯ୍ୟକାନ୍ତ ଦାସଙ୍କ ଚିତ୍ରକଳା।

## ବୃଷବନ୍ଧ ପାହାଡ଼ରେ ଚଢ଼ାଉ, ୭ ହାଇୱା ଜବତ

ଟାଙ୍ଗୀ(ଖୋର୍ଦ୍ଧା),୨୮।୭(ଡି.ଏନ୍.ଏ.)

ଟାଙ୍ଗୀ ଥାନା ଅନ୍ତର୍ଗତ ବୃଷବନ୍ଧ ପାହାଡ଼ରେ ବୁଧବାର ସ୍ଥାନୀୟ ତହସିଲଦାର ସ୍ମୃତି ରଞ୍ଜନ ଶତପଥୀ ଚଢ଼ାଉ କରି ୭ଟି ମୁଗୁନି ପଥର ବୋଝେଇ ହାଇୱା ଜବତ କରିଛନ୍ତି। ସୂଚନା ମୁତାବକ, ବୃଷବନ୍ଧ ପାହାଡ଼ରୁ ବେଆଇନ ବ୍ଲାଷ୍ଟିଂ ନେଇ ଆଡ଼ିଆପଡ଼ା ଗ୍ରାମବାସୀ ବିଭିନ୍ନ ସମୟରେ ଆନ୍ଦୋଳନ କରି ଆସୁଛନ୍ତି। କିନ୍ତୁ ଖଣି ମାଫିଆମାନେ ପ୍ରଶାସନକୁ ଖାତିର ନ କରି ବ୍ଲାଷ୍ଟିଂ କରି ଲକ୍ଷ ଲକ୍ଷ ଟଙ୍କାର କଳା ମୁଗୁନି ପଥର ଚୋରାଚାଲାଣ କରୁଛନ୍ତି। ଖବରପାଇ ତହସିଲଦାର ଶତପଥୀ ଅଚାନକ ଚଢ଼ାଉ କରି ୭ଟି ଗାଡ଼ି ଜବତ କରିଥିଲେ। ତେବେ ମାଫିଆମାନେ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ।

# ଆଦିବାସୀଙ୍କ ଜମିରୁ ମାଙ୍କଡ଼ା ପଥର ଚାଲାଣ

ଖୋର୍ଦ୍ଧା ଅଫିସ,୨୮।୭

ଖୋର୍ଦ୍ଧାରେ ପଥର ଖଣି ମାଫିଆଙ୍କ ଦୌରାମ୍ୟ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ସରକାରୀ ଜମି, ଜଙ୍ଗଲ, ଗୋଚର, ଶ୍ରୀମନ୍ଦିର ପ୍ରଶାସନ ଆଦି ଜମିରୁ ଦୈନିକ ଶହ ଶହ ଟ୍ରକରେ ମାଙ୍କଡା ପଥର ଚାଲାଣ ହେଉଛି। ମାଫିଆଙ୍କ ଯୋଗୁ ଖୋର୍ଦ୍ଧା, ଟାଙ୍ଗୀ, ବେଗୁନିଆ, ବୋଲଗଡ, ଜଟଣୀ ଅଞ୍ଚଳରେ ରହିଥିବା ଜମି ଦିନକୁ ଦିନ କ୍ଷୟ ହେବାରେ ଲାଗିଛି। ଏମାନଙ୍କ ନଜରରୁ ଆଦିବାସୀ ମଧ ବର୍ତ୍ତିନାହାନ୍ତି। ପ୍ରତିବାଦ କଲେ ଧମକ ଦେଉଛନ୍ତି। ବୁଧବାର ଟାଙ୍ଗୀ ବ୍ଲକ ଓଳସିଂ ଗ୍ରାମର ଶତାଧିକ ଗ୍ରାମବାସୀ ଉପଜିଲାପାଳଙ୍କ ନିକଟରେ ଏନେଇ ଲିଖିତ ଅଭିଯୋଗ କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ୧୯୯୧ ମସିହାରେ ସରକାରଙ୍କ ପକ୍ଷରୁ ନୟାକୋଟା ମୌଜାର ଖାତା ନଂ. ୨୮୪, ପ୍ଲଟ ନଂ. ୪୨୪ରେ ୨୦ଜଣ ଭୂମିହୀନଙ୍କୁ ଜଣକ ପିଛା ଏରିଆ ୫୫୦ଡିସିମିଲ ଜମି ଦଖଲ ଦିଆଯାଇଥିଲା। ଉକ୍ତ ଅଞ୍ଚଳରେ ସମ୍ପୃକ୍ତ ବ୍ୟକ୍ତି ବିଶେଷ କାଜୁ ଗଛ ଲଗାଇ ଜୀବିକା ନିର୍ବାହ କରୁଛନ୍ତି। କିଛି ମାସ ହେବ କେତଜଣ ମାଫିଆ ଏହି ଅଞ୍ଚଳରେ ଜୋରଜବରଦସ୍ତ ମାଙ୍କଡା ଚାଲାଣ କରୁଛନ୍ତି। ପ୍ରତିବାଦ କଲେ ମାରଣାସ୍ତ୍ର ଦେଖାଇ ଭୟଭୀତ କରୁଛନ୍ତି। ଜୀବନରେ ମାରିଦେବାକୁ ଧମକ ଦେଉଛନ୍ତି। ଏନେଇ ଟାଙ୍ଗୀ ତହସିଲଦାର ଏବଂ ଜଙ୍କିଆ ଥାନାରେ ଲିଖିତ ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଭୋଗ ଦଖଲରେ ଥିବା ଲୋକଙ୍କୁ ସୁରକ୍ଷା ପ୍ରଦାନ ଲାଗି ଦାବି କରିଛନ୍ତି।



ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରିବାକୁ ଆସିଥିବା ଓଳସିଂ ଗ୍ରାମବାସୀ।

# ସରଳସିଂହ-ଚିଲିକା ଛକ ରାସ୍ତା ମରଣଯନ୍ତା

ବାଲୁଗାଁ,୨୮।୭(ଡି.ଏନ୍.ଏ.)

ବାଲୁଗାଁ ସହର ଦେଇ ଯାଇଥିବା ୫ନଂ. ଜାତୀୟ ରାଜପଥର ସରଳସିଂହଠାରୁ ଚିଲିକା ଛକ ପର୍ଯ୍ୟନ୍ତ ରାସ୍ତା ମରଣଯନ୍ତା ପାଲଟିଛି। ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଏହି ରାସ୍ତା ଫାଟି ଆଁ କରିଥିବା ବେଳେ ଯାତାୟାତ ନିମନ୍ତେ ଅନୁପଯୋଗୀ ହୋଇପଡ଼ିଛି। ଦୈନନ୍ଦିନ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ଏହି ରାସ୍ତାର ନବୀକରଣ ହୋଇପାରି ନ ଥିବା ଯୋଗୁ ସ୍ଥାନୀୟ ବାସିନ୍ଦାଙ୍କ ମଧରେ ଅସନ୍ତୋଷ ଦେଖାଦେଇଛି।

ସୂଚନାଥାଉ କି, କିଛି ବର୍ଷ ପୂର୍ବେ ବାଲୁଗାଁ ବାଇପାସ୍ ରାସ୍ତା ତଥା ୧୬ନଂ. ଜାତୀୟ ରାଜପଥ ନିର୍ମାଣ ହେବାରୁ ଉକ୍ତ ରାସ୍ତାରେ ସମସ୍ତ ଭାରିଯାନ ଯାତାୟାତ କରୁଛି। ତେବେ ୫ନଂ.ଜାତୀୟ ରାଜପଥ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଅବହେଳିତ ଅବସ୍ଥାରେ ପଡ଼ି ରହିଛି। ୧୬କି.ମି. ପର୍ଯ୍ୟନ୍ତ ଏହି ରାଜପଥ ଖାଲଖମାରେ ପରିପୂର୍ଣ୍ଣ ହୋଇ ପଡିରହିଛି। ଜନସାଧାରଣଙ୍କ ଦାବି ପରେ ୫ବର୍ଷ ପୂର୍ବେ ୨କୋଟି ଟଙ୍କା ବ୍ୟୟ ଅଟକଳରେ ରାସ୍ତା ଗୃହ ନିର୍ମାଣ ବିଭାଗ ପକ୍ଷରୁ ମରାମତି କାର୍ଯ୍ୟ ହୋଇଥିଲା। ତେବେ ନିମ୍ନମାନର କାର୍ଯ୍ୟ ଯୋଗୁ କିଛି ମାସ ପରେ ପିଚୁ, ଗୋଡ଼ି ଉଠି ରାସ୍ତା ଫାଟି ଆଁ କରିଛି। ଅନେକ ସ୍ଥାନରେ ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ଦୈନନ୍ଦିନ ଏହି ରାସ୍ତାରେ ଏକାଧିକ ଦୁର୍ଘଟଣା ଘଟି ବହୁ ବ୍ୟକ୍ତି ଆହତ ହେଉଛନ୍ତି। ଏନେଇ ଅଭିଯୋଗ ପରେ ବିଭାଗ ପକ୍ଷରୁ ଗର୍ତ୍ତ ସ୍ଥାନକୁ ପିଚୁ କରାଯାଇଥିଲା। ତେବେ ରାସ୍ତାର ସ୍ଥାୟୀ ସମାଧାନ ପାଇଁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଦାୟିତ୍ୱରେ ଥିବା ବିଭାଗୀୟ ଯନ୍ତ୍ରୀ ସଞ୍ଜୟ ଗିରି କହିଛନ୍ତି, କରୋନା ଯୋଗୁ ରାସ୍ତା ମରାମତି ହୋଇପାରି ନାହିଁ। ଉକ୍ତ ରାସ୍ତାର ମାଟି ଦୁର୍ବଳ ଅବସ୍ଥାରେ ଅଛି। ବାରମ୍ବାର ମରାମତି ସତ୍ତ୍ୱେ ରାସ୍ତାଟି ଦବିଯାଇ ଅସମାନ୍ତରାଳ ଅବସ୍ଥାରେ ପିଚୁ ଫାଟି ଗର୍ତ୍ତ ସୃଷ୍ଟି ହେଉଛି। ଏହି ରାସ୍ତାର ସମ୍ପୂର୍ଣ୍ଣ ନବୀକରଣ ନିମନ୍ତେ ସରକାରଙ୍କ ନିକଟରେ ବିଭାଗୀୟ ପକ୍ଷରୁ ଆବେଦନ କରାଯାଇଛି। ସରକାରଙ୍କ ଅନୁମୋଦନ ପରେ ଏହି ସମସ୍ୟାର ସମାଧାନ ହୋଇଯିବ ବୋଲି ସେ କହିଛନ୍ତି।



ରାସ୍ତା ଫାଟି ଆଁ କରିଛି।